# ଅଖଣ୍ଡତା ଓ ସ୍ୱାଭିମାନ ପାଇଁ ଏକ ହେଲେ ପଶ୍ଚିମ ଓଡ଼ିଶାର ଓକିଲ

**ବରଗଡ଼, ୧୧।୨(ସମିସ)**

ବରଗଡ଼ରେ ପଶ୍ଚିମ ଓଡିଶା ଓକିଲ ସମୂହଙ୍କ ଏକତା, ଅଖଣ୍ଡତା ତଥା ସାମୂହିକ କଲ୍ୟାଣ ଏବଂ ସ୍ୱାଭିମାନ ରକ୍ଷା ପାଇଁ ବରଗଡ଼ ଜିଲ୍ଲାର ସମସ୍ତ ଓକିଲ ସଂଘ

**୨୫ଟି ଓକିଲ ସଂଘ ସମୂହର କାର୍ଯ୍ୟକାରୀ କମିଟି ଗଠିତ**

**ଏଡଭୋକେଟ ପ୍ରୋଟେକସନ ଆକ୍ଟ କାର୍ଯ୍ୟକାରୀ ପ୍ରସ୍ତାବ**

**ସମ୍ବଲପୁର ଓକିଲଙ୍କ ଉପରୁ ମାମଲା ପ୍ରତ୍ୟାହାର ଦାବି**

ସମୂହଙ୍କ ଆହ୍ୱାନକ୍ରମେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାବେଶ ଆୟୋଜିତ ହୋଇଯାଇଛି। ଜିଲ୍ଲା ଓକିଲ ସଂଘ ସଭାପତି ତଥା ବରଗଡ଼ ଜିଲ୍ଲା ଓକିଲ ସଂଘ ସମୂହର ଆବାହକ ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାର ୨୫ଟି ଓକିଲ ସଂଘକୁ ନେଇ ଏହି ସମାବେଶ ଆୟୋଜିତ ହୋଇଥିଲା। କାର୍ଯ୍ୟକାରୀ କମିଟିରେ ବରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତିଙ୍କୁ ଆବାହକ ଓ ସୁନ୍ଦରଗଡ ଜିଲ୍ଲା ଓକିଲ ସଂଘ ସଭାପତିଙ୍କୁ ଯୁଗ୍ମ ଆବାହକ ମନୋନୀତ କରାଯାଇଛି। ପଶ୍ଚିମ ଓଡିଶାର ସମସ୍ତ ସଂଘର ସଭାପତି ଓ ସଂପାଦକମାନେ




ଏହାର ସଦସ୍ୟ ରହିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆସନ୍ତା ମାସରେ କମିଟିର ପରବର୍ତ୍ତୀ ବୈଠକ ସୁନ୍ଦରଗଡରେ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ସେହିପରି ଓକିଲମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏଡଭୋକେଟ ପ୍ରୋଟେକସନ ଆକ୍ଟକୁ କାର୍ଯ୍ୟକାରୀ କରାଯିବା ଏବଂ ଓକିଲମାନଙ୍କୁ ବ୍ୟକ୍ତିଗତ ଭାବେ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ପାଇଁ ପଇଠ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ଓକିଲ ସଂଘ ଏ ବାବଦରେ ରାଜ୍ୟସରକାର ତଥା ଓଡିଶା ଆଇନଜୀବୀ ପରିଷଦକୁ ଦାବିପତ୍ର ପ୍ରଦାନ କରି ଅବଗତ କରାଇବ ବୋଲି କୁହାଯାଇଥିଲା। ଅନୁରୂପ ଭାବେ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୦୦ କୋଟି ଟଙ୍କା ପ୍ରଦାନ କରାଯିବାକୁ ସରକାରଙ୍କୁ ଅନୁରୋଧ କରାଯିବ। ଗତ ଡିସେମ୍ବର ୨୦୨୨ରେ ସମ୍ବଲପୁର ଓକିଲ ସଂଘ ସଭ୍ୟମାନଙ୍କ ନାମରେ ହୋଇଥିବା ମାମଲାଗୁଡ଼ିକୁ ପ୍ରତ୍ୟାହାର କରାଯିବାକୁ ସରକାରଙ୍କୁ ଅବଗତ କରାଯିବା ପାଇଁ ଦାବିପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପଦ୍ମପୁର ଓକିଲ ସଂଘ ସଭାପତି ସନ୍ତୋଷ ଶତପଥୀ ସ୍ୱାଗତ ଭାଷଣ ଏବଂ ବରଗଡ଼ ଜିଲ୍ଲା ଓକିଲ ସଂଘ ସଭାପତି ଶ୍ରୀ ସରାଫ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଦେବଗଡ ଓକିଲ ସଂଘ ସଭାପତି ମନୋଜ ପାଢ଼ୀ, ଝାରସୁଗୁଡା ଓକିଲ ସଂଘର ଉପସଭାପତି ଅମୀୟ ପାଣିଗ୍ରାହୀ, ସୁନ୍ଦରଗଡ ଓକିଲ ସଂଘ ସଭାପତି କମଲ ସେନ, ବୌଦ୍ଧ ଓକିଲ ସଂଘ ସଭାପତି ଧନେଶ୍ୱର ମନହାରା, ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ, ରାମପୁର ଓକିଲ ସଂଘ ସଂପାଦକ କୃଷ୍ଣଚନ୍ଦ୍ର ବର୍ଗଢ଼, ପାଇକମାଲ ଓକିଲ ସଂଘ ସଭାପତି ରାମରତନ ପୁରୋହିତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରଗଡ଼ ଜିଲ୍ଲା ଓକିଲ ସଂଘ ସମ୍ପାଦକ ଉତ୍ତର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ଓକିଲ ସଂଘର ଉପସଭାପତି ସୁଶୀଳ ଶତପଥୀ ପ୍ରାରମ୍ଭିକ ସୂଚନା ଦେଉଥିବା ବେଳେ ବରଗଡ଼ ଓକିଲ ସଂଘର ସହସମ୍ପାଦକ ସୁଜେନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ବରଗଡ଼ ଓକିଲ ସଂଘର ରାଜେନ୍ଦ୍ର ପ୍ରସାଦ ସିଂହ, ଶିରୀଷ ବଲ୍ଲଭ ମିଶ୍ର, ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଶଙ୍କର୍ଷଣ ମିଶ୍ର, ସୁରେଶ ଶତପଥୀ, ରାଜେନ୍ଦ୍ର ମହାନ୍ତିଙ୍କ ସମେତ ସଂଘର କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ସଂଯୋଜନା କରିଥିବା ବେଳେ ବରଗଡ଼ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।

# ବୁଢ଼ାରଜା କ୍ରିକେଟ କପ୍: ଉପରବାହାଲ ଚାମ୍ପିଅନ

**ଗୁଡେରପାଲି,୧୧।୨(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଡେରପାଲି କ୍ରିକେଟ ପଡ଼ିଆରେ ଦୀର୍ଘ ପାଞ୍ଚ ଦିନ ଧରି ଚାଲିଥିବା ୧୯ତମ ବୁଢ଼ାରଜା କ୍ରିକେଟ କପ୍ ଉଦ୍‌ଯାପିତ ହୋଇଯାଇଛି। ଉପରବାହାଲ ଏବଂ ଘନାମାଲ ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ଉପରବାହାଲ ଦଳ ଘନାମାଲକୁ ହରାଇଥିଲା। ସରପଞ୍ଚ ରାମଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବରେ ଉପରବାହାଲ ଦଳକୁ ବିଜୟୀ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଏବଂ ଘନାମାଲ ଦଳକୁ ଫି ସହ ନଗଦ ୧୫ ହଜାର ଟଙ୍କା ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଚାଷୀନେତା କିଶୋରଚନ୍ଦ୍ର ଦେବତା, ମୁକେଶ ମୁରାରୀ କେଡିଆ, ଜଗଦିଶ ପାତ୍ର, କୃପାସିନ୍ଧୁ ପାତ୍ର, ଜୟଲାଲ ସାହୁ ଉପସ୍ଥିତ ଥିଲେ। ଅମ୍ପାୟର ନିର୍ମଳ ନାୟକ, ନରୋତ୍ତମ ପ୍ରଧାନ, ସୁମିଲ ବେହେରା ଏବଂ ଅନ୍ତର୍ଯ୍ୟାମୀ ବେହେରା ଖେଳ ପରିଚାଳନା କରିଥିଲେ।




# ବୁଡେନ ପୁଲିସର 'ନୂଆଁ ମନ୍ ନୂଆଁ ସପନ୍'




**ଦହିତା, ୧୧।୨ (ସମିସ):** ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅନ୍ତର୍ଗତ ବଡି ପଥର ଓ ଅମରାଖୋଲରେ ବୁଡେନ ପୁଲିସ ତରଫରୁ ନୂଆଁ ମନ ନୂଆଁ ସପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନସମ୍ପର୍କ କାର୍ଯ୍ୟକ୍ରମରେ ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ, ବୁଡେନ ଥାନାଧିକାରୀ କୈଳାଶଚନ୍ଦ୍ର ପ୍ରଧାନ, ସ୍ଥାନୀୟ ସରପଞ୍ଚ ନାରାୟଣ ମେହେର ଅତିଥି ଭାବେ ଯୋଗଦାନ କରିଥିଲେ। ମନୋରଞ୍ଜନ ନିମନ୍ତେ ନାଚ,ଗୀତ, କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ପୁଲିସ ବିଭାଗ ତରଫରୁ କମ୍ବଳ, ଧୋତି, ଶାଢ଼ୀ, କ୍ରିକେଟ ଜର୍ସି, ବଲ, ବ୍ୟାଟ, ଭଲିବଲ, ଫୁଟବଲ ବଣ୍ଟନ କରାଯାଇଥିଲା। ସମସ୍ତଙ୍କ ପାଇଁ ବୁଡେନ ପୁଲିସ ତରଫରୁ ଖାଇବା ବ୍ୟବସ୍ଥା କରାଯାଇଥିଲା।

# କାଳୀ ମନ୍ଦିରରୁ ଚୋରି, ଘଣ୍ଟି ସହ ଜଣେ ଗିରଫ

**ପଦ୍ମପୁର, ୧୧।୨ (ସମିସ):** ପଦ୍ମପୁର କାଳୀ ମନ୍ଦିରରୁ ତାଲା ଭାଙ୍ଗି ପ୍ରାୟ ୧୫ଟି ପିତ୍ତଳ ଘଣ୍ଟି, ଗୋଟିଏ ଘଣ୍ଟି ଓ ଅନ୍ୟାନ୍ୟ ପୂଜା ଉପକରଣ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଥାନାଧିକାରୀ ମମତା ନାଏକ ଘଟଣାକୁ ଗୁରୁତ୍ୱ ସହ ନେଇ ତଦନ୍ତ ଆରମ୍ଭ କରିଥିଲେ। ବିଭିନ୍ନ ଦୃଷ୍ଟିକୋଣରୁ ତଦନ୍ତ କରି ବରପାଲି ଥାନା ସତଲମା ଗ୍ରାମର ରାଜୀବ ତ୍ରିପାଠୀକୁ ସନ୍ଦେହରେ ଆଣିଥିଲେ। ଯେହେତୁ ଅନେକ ଥର ମନ୍ଦିର ଚୋରି କରିଥିବା ମାମଲା ତ୍ରିପାଠୀ ନାମରେ ରହିଥିଲା, ସେ ଚୋରି କରିଥିବା ସ୍ୱୀକାର ମଧ୍ୟ କରିଥିଲା। ଚୋରି ହୋଇଥିବା ୧୫ଟି ଘଣ୍ଟି, ଗୋଟିଏ ଘଣ୍ଟ, ତାଲା ଭାଙ୍ଗିଥିବା ସାମଗ୍ରୀ ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣେ ଅଭ୍ୟାସଗତ ମନ୍ଦିର ସାମଗ୍ରୀ ଚୋର। ତାର ନାମରେ ବରପାଲି ଥାନାରେ ୮ଟି, ବରଗଡରେ ୨, ଡୁଙ୍ଗୁରିପାଲି ଥାନାରେ ଗୋଟିଏ କେସ୍ ରହିଥିବା ଜଣାଯାଇଛି।




# ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

**ପଦ୍ମପୁର, ୧୧।୨ (ସମିସ):** ଶିକ୍ଷାକୁ ଶିକ୍ଷା ବୋଲି କୁହାଯିବ ନାହିଁ ଯେଉଁ ଶିକ୍ଷା ମଣିଷକୁ ମଣିଷ ରୂପରେ ଗଢି ପାରେ ନାହିଁ। ଶିକ୍ଷଣର ଫଳାଫଳ ହେଉଛି ଶିକ୍ଷାର ଏକ ମୁଖ୍ୟ ଅଂଶ। ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଫଳାଫଳ ଉପରେ ଆଧାରିତ ଶିକ୍ଷା ଶୀର୍ଷକରେ ଦ୍ୱିଦିବସୀୟ ଜାତୀୟ ସଂଗୋଷ୍ଠି ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଉଦଯାପନୀ ଉତ୍ସବରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ପ୍ରଫେସର ଅରବିନ୍ଦ କୁମାର ଝା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ମହାରାଜା ଶୟଜିରାଓ ବିଶ୍ୱବିଦ୍ୟାଳୟ ବରୋଦା ପ୍ରଫେସର ସୁଦର୍ଶନ ଚକ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପ କୁଳସଚିବ ଡ଼ ଉମାଚରଣ ପତି ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅଞ୍ଚଳ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଡ଼ ବିରଞ୍ଚି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଡ଼ ତୁଷାରକାନ୍ତ ସାହୁ ସଂଗୋଷ୍ଠୀର ରିପୋର୍ଟ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଡ଼ ଭେଙ୍କଟେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିବା ବେଳେ ସସ୍ମିତା ମେହେର ସଂଯୋଜନା କରିଥିଲେ। ପ୍ରଫେସର, ଗବେଷକ ଓ ଛାତ୍ରଛାତ୍ରୀ ୫୦ଟି ସେମିନାର ପେପର ଉପସ୍ଥାପନ କରିଥିଲେ। ଅଞ୍ଚଳ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ ସମେତ ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।



# ବରପାଲି ପ୍ରିମିୟମ ଲିଗ୍ ଉଦ୍‌ଯାପିତ

**ବରପାଲି,୧୧।୨ (ସମିସ):** ବରପାଲି ହାଇସ୍କୁଲ ଖେଳ ପଡିଆରେ ୟଙ୍ଗଷ୍ଟାର ୟୁଥ ଏସୋସିଏସନ ପକ୍ଷରୁ ଆୟୋଜିତ ନବମ ପ୍ରିମିୟର ଲିଗ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳଟି ଲାଇଟିଙ୍ଗ ହସ୍କ ଓ ବରପାଲି ଡାଏନୋମସ ମଧ୍ୟରେ ହୋଇଥିବା ବେଳେ ଡାଏନୋମସ ଦଳ ଶ୍ରେଷ୍ଠ ବିଜୟୀ ଦଳ ଭାବରେ ଘୋଷିତ ହୋଇ ପୁରସ୍କୃତ ହୋଇଥିଲେ। ରଞ୍ଜୁ ଛତ୍ରିଆ, ସୁଜିତ, ପଞ୍ଚା ମେହେର ପ୍ରମୁଖ ଲିଗର ସମସ୍ତ ଖେଳକୁ ପରିଚାଳନା କରିଥିଲେ। ଫାଇନାଲ ଖେଳରେ ସମ୍ମାନିତ ଅତିଥି ଭାବରେ ବିଜନ ଦାଶ, ବନ୍ତରାମ୍ ସେଠ, ପ୍ରମୋଦ ସେଠ ଓ ଦୟାଲାଲ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଲିଗ ପରିଚାଳନା ଦାୟିତ୍ୱରେ ବିଜେଡି ଯୁବନେତା ସୁମିତ ସାହୁ, ଦିବ୍ୟ ସାହୁ, ପିଙ୍କୁ ବେହେରା, ବଦ୍ରିନାଥ ସୁନା, ଆଲୋକ ଅଗ୍ରୱାଲ, ଆକାଶ ମେହେର, ଶିବୁ ଅଗ୍ରୱାଲ, ସଞ୍ଜୀବ ପ୍ରଧାନ, ଲକ୍ଷ୍ମଣ ସେଠ, ବଳଦେବ ମେହେର, ପଞ୍ଚାନନ ମେହେର, ଅବିନାଶ ସାହୁ ଥିଲେ। ପ୍ରତିଯୋଗିତାରେ ବରପାଲି ଡାଏନୋମସ, ୱାରିୟରସ, ରାଜଭାଟି ରୟଲ କିଙ୍ଗ, ଲାଇଟିଙ୍ଗ ହକ୍ସ, ରୟଲ ଚେଲେଞ୍ଜରସ, ଫିଅରଲେସ ଫାଇଟର ଛଅଟି ଦଳ ଭାଗ ନେଇଥିଲେ।



# ବରପାଲି ମହାବିଦ୍ୟାଳୟ ବାର୍ଷିକ ନାଟ୍ୟୋତ୍ସବ

**ବରପାଲି,୧୧।୨(ସମିସ):** ବରପାଲି ମହାବିଦ୍ୟାଳୟ ବାର୍ଷିକ ନାଟ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ଯୋଗ ଦେଇଥିଲେ। ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସଭାକାର୍ଯ୍ୟକୁ ଅଧ୍ୟାପକ ଉତ୍ତର ଗଡତିଆ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଡ. ରବୀନ୍ଦ୍ର ଗଡତିଆ ପରିଚାଳନା କମିଟି ଅଧ୍ୟକ୍ଷ ଓ ମୁଖ୍ୟବକ୍ତା ଭାବରେ ଡ. ଘନଶ୍ୟାମ ପାଣିଗ୍ରାହୀ ଯୋଗ ଦେଇଥିଲେ। ନାଟ୍ୟ ସଂସଦ ମୁଖ୍ୟ ପ୍ରାଧାପିକା ମମତା ସାହୁ ନାଟକର ମହତ୍ୱ ଓ ଶିକ୍ଷଣୀୟ ଜ୍ଞାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ନତାସା ସିକନ୍ଦରଙ୍କ ତତ୍ୱାବଧାନରେ ଛାତ୍ରୀ ବିନୋଦିନୀ, ଶୁଭଶ୍ରୀ ଓ ସନ୍ଧ୍ୟାଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ହୋଇଥିଲା। ପ୍ରାଧ୍ୟାପକ ସୁଶୀଲ ଶତପଥୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ




ଅଧ୍ୟାପକ ଅଲେଖ ମହାନନ୍ଦ। ଅଧ୍ୟାପକ ଡ. ସୀମାଞ୍ଚଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଅବିନାଶ ମହାପାତ୍ରଙ୍କ ରଚିତ ଏବଂ ଶୁଭମ୍ ବାରିକ ଓ ଆଲୋକ ନାଗଙ୍କ ନିର୍ଦ୍ଦେଶିତ 'ସୀତା ଠାବ' ନାଟକ ମଞ୍ଚସ୍ଥ ହୋଇଥିଲା। ଅଧ୍ୟାପକ ଧୀରୋଜ ତ୍ରିପାଠୀ, ସୁନୀଲ ଦାଶ, ଅଶୋକ ପଧାନ, ବିଶ୍ୱନାଥ ସାହୁ, ଅରୁଣ ବାରିକ, ଭକ୍ତବନ୍ଧୁ ପଧାନ, ଅରୁଣ ବାରିକ, ଡ. ଭଗବାନ ମହାନନ୍ଦ, ଗଣେଶ ମିଶ୍ର, ଅଧ୍ୟାପିକା ମନିଷା ଦାଶ, ଦେବଙ୍ଗିନି ସାହୁ ତଥା ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।

# ପ୍ରେମରାଜ ପଧାନଙ୍କ ପରଲୋକ

**ବରପାଲି,୧୧।୨(ସମିସ):** ବରପାଲି ବ୍ଲକ ଗୋବିନ୍ଦପୁର ଭଗବତପ୍ରେମୀ ଧର୍ମପ୍ରାଣ ପ୍ରେମରାଜ ପଧାନଙ୍କ ୭୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ଧାର୍ମିକଭାବ ସହ ବ୍ୟକ୍ତିତ୍ୱ, ସମାଜସେବା



ଓ ଭଗବତ ଚିନ୍ତନ, ନାଗବାଛା ମନ୍ଦିର ସ୍ଥାପନ ଓ ଅମାୟିକ ଭାବକୁ ନେଇ ସମସ୍ତଙ୍କ ନିକଟରେ ବେଶ ଜଣାଶୁଣା ରହିଥିଲେ। ତାଙ୍କ ବିୟୋଗ ଖବର ପ୍ରସାରିତ ହେଲା ପରେ ଆଖପାଖ ପଡୋଶିଙ୍କ ସମେତ ବନ୍ଧୁବାନ୍ଧବ ପରିବାର ବର୍ଗଙ୍କ ଭିଡ ଲାଗିଥିଲା। ପରିବାର ବର୍ଗଙ୍କ ସହ ଆତ୍ମିୟ ସ୍ୱଜନ ବନ୍ଧୁବାନ୍ଧବ ଉପସ୍ଥିତ ରହିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳର ଧାର୍ମିକ ଅନୁଷ୍ଠାନ ମହଲରେ ଏକ ବିଷାଦର ଛାୟା ଖେଳିଯାଇଛି। ମୁଖାଗ୍ନି ପୁତ୍ର ବିଜୟ ପଧାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ବେଳେ କନିଷ୍ଠ ପୁତ୍ର ଉଦୟ ପଧାନଙ୍କ ସମେତ ବନ୍ଧୁବାନ୍ଧବ ଓ ଭଦ୍ରବ୍ୟକ୍ତି ଅନ୍ତିମଯାତ୍ରାରେ ସାମିଲ ହୋଇଥିଲେ।

# ପ୍ରବଳ କୁଆପଥର ବର୍ଷା; ଚିନ୍ତାରେ ପରିବାଚାଷୀ

**ପଦ୍ମପୁର/ଝାରବନ୍ଧ, ୧୧।୨ (ସମିସ):** ପଦ୍ମପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ହଠାତ ସନ୍ଧ୍ୟା ସମୟରେ କୁଆପଥର ବୃଷ୍ଟି ହୋଇଛି। କୁଆପଥରର ଆକାର ବଡ ହୋଇଥିବାରୁ ଲୋକମାନେ ଆତଙ୍କିତ ହୋଇ ପଡିଥିଲେ। ଲଉଡିଦର୍ହା, କୁର୍ମା, ଶିକାରିପାଲି, ଗୌଡମାଲ, ଲହଣ୍ଡିପୁର, ଚର୍ଦାପାଲି, ଲୁହୁରାକୋଟ, ଗସ୍ତିଡିହି, ଜଗଦଲପୁର, ନୂଆପଡା, ଧଉରାଭଟା, ସରେଇକେଲା ସମେତ ଅନେକ ଗ୍ରାମରେ ବର୍ଷା ପବନ ସହ କୁଆପଥର ପଡିଛି। କେତେକ ଚାଷୀ ମୁଗ, ବିରି, ପନିପରିବା ଚାଷ କରିଥିଲେ। ମୁଗ ବିରି ଫସଲରେ ଫୁଲ ହୋଇଥିଲା। ତାହା ସବୁ ନଷ୍ଟ



ହୋଇଯାଇଛି। କରାମାଡ଼ରେ ପ୍ରବଳ ପବନ ହୋଇ ଝଡିଯାଇଛି। ରବି ଫସଲ ଚାଷ କରିଥିବା ଚାଷୀଙ୍କ କୁଆପଥରରେ ନଷ୍ଟ ହୋଇଥିବା କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଦାବି ହେଉଛି।

# ଏଲବିଏସ ସ୍କୁଲର ବାର୍ଷିକ ଉତ୍ସବ

**ପଦ୍ମପୁର, ୧୧।୨(ସମିସ):** ପଦ୍ମପୁର ଲାଲ ବାହାଦୁର ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅମରଦୀପ ଅଗ୍ରୱାଲ ମୁଖ୍ୟଅତିଥି, କେଶରଞ୍ଜନ ପ୍ରଧାନ ମୁଖ୍ୟବକ୍ତା, ଏବିଇଓ ରାମସିଂ ଭୋଇ, ଶିବପ୍ରସାଦ ଯୋଶୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ-ଶିକ୍ଷୟିତ୍ରୀ ଓ ପରିଚାଳନା ସଦସ୍ୟ ସହଯୋଗ କରିଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କହ୍ନେଇଲାଲ ପାତ୍ର
(ବିଶିଷ୍ଟ ସମାଜସେବୀ ଓ ବ୍ୟବସାୟୀ)
ପାଲବଣୀ, ବାରିପଦା, ମୟୂରଭଞ୍ଜ
◆ ଆବିର୍ଭାବ: ୦୨.୧୦.୧୯୪୨ ◆ତିରୋଧାନ: ୧୨.୦୨.୨୦୨୩
ଆପଣଙ୍କ ବିୟୋଗରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା କେବେ ବି ଭୁଲି ପାରିବୁ ନାହିଁ। ଯେଉଁଠି ଥାଅ ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ-ଆରତୀ, ବଡପୁଅ-ବଡବୋହୂ: ଦେବାଶିଷ ଓ ଜ୍ୟୋତିର୍ମୟୀ, ସାନପୁଅ-ସାନବୋହୂ: ଆଶିଷ ଓ ଅଳକା, ପୁତୁରା-ପୁତୁରା ବୋହୂ: ଚନ୍ଦନ ଓ ଶିବାନୀ, ନାତି ଓ ନାତୁଣୀ: ନିଲ୍, ନିଷ୍ଠା, ମିଷ୍ଟି, ଅଭି ଓ ଆୟୁଷ ଏବଂ ପାତ୍ର ପରିବାର ଓ ଆତ୍ମୀୟସ୍ୱଜନ।

# ପଶ୍ଚିମ ଓଡ଼ିଶା-ଛତିଶଗଡ଼ କୁଳତା ସମାଜର ଶତବାର୍ଷିକୀ ପ୍ରସ୍ତୁତି ବୈଠକ

**ବରଗଡ଼,୧୧।୨(ସମିସ)**

ବଳିଷ୍ଠ ପରମ୍ପରା ଓ କୌଳିକ ବୃତ୍ତି ସଂପନ୍ନ କୁଳତା ସମାଜ ମହାସଭାର ଶତବାର୍ଷିକୀ ଅୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ବରଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ରଣେଶ୍ୱର ରାମଚଣ୍ଡୀ ଯୁବ ସଂଗଠନ ତରଫରୁ ବରଗଡ଼ ଗୋବିନ୍ଦପାଲିସ୍ଥିତ ପଲ୍ଲବ ମଣ୍ଡପରେ ଆୟୋଜିତ ଏହି ବୈଠକରେ ମହାସଭାର ସଂଯୋଜକ ଗୋପାଳ ପ୍ରଧାନ ଓ ରଥୁଲାଲ ଗୁପ୍ତା ଅଧ୍ୟକ୍ଷତା କରିଥିଲେ। କୁଳତା ସମାଜର ବରଗଡ଼ ଜିଲ୍ଲା ସଭାପତି ଅଗ୍ନି ପ୍ରଧାନ, ପୂର୍ବତନ ପରିଚାଳନା କମିଟିର ସଭାପତି ବେଲାଲସେନ ଭୋଇ ମଞ୍ଚାସୀନ ଥିବା ବେଳେ ବୈଠକ ପ୍ରାରମ୍ଭରେ କୁଳତା ସମାଜର ଅଧିଷ୍ଠାତ୍ରୀ ଦେବୀ ମାଁ ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ପଶ୍ଚିମ ଓଡିଶାର ୧୦ଟି ଓ ଛତିଶଗଡ଼ର ୮ଟି ଜିଲ୍ଲାର ଜାତି ମହାସଭାର ପ୍ରତିନିଧିମାନେ ସାମିଲ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମୀ ଫକୀର ବେହେରା, ପାଣିମୋରା ଗାଁର ସଂଗ୍ରାମୀ ସାଥୀ ଜିଲ୍ଲାର ବିଭିନ୍ନ ସଂଗ୍ରାମୀଙ୍କ ଯୋଗୁଁ ଜାତି ଗର୍ବିତ। ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ସଫଳ ଆୟୋଜନର ମୁଖ୍ୟ ପୁରୋଧା କାଙ୍ଗାଳି ନାଏକଙ୍କ ଯୋଗୁଁ ଜାତି ଗର୍ବିତ। ମକରଧ୍ୱଜ ପ୍ରଧାନ, ତୀର୍ଥବାସୀ




ପ୍ରଧାନ, ଗଣନାଥ ପ୍ରଧାନ, ନିତ୍ୟାନନ୍ଦ ଗଡତିଆ, ସରସ୍ୱତୀ ପ୍ରଧାନ, କୁଞ୍ଜବିହାରୀ ନାଏକ, ବୀରେନ୍ଦ୍ର ସାହୁ, ନବୀନ ପ୍ରଧାନ, କୃପାସିନ୍ଧୁ ଭୋଇ, ଯଦୁମଣି ପ୍ରଧାନଙ୍କ ପରି ରାଜନୈତିକ ବ୍ୟକ୍ତିତ୍ୱ ରାଜନୀତିରେ ମିଶାଲ ହୋଇ ରହିଛନ୍ତି। କୁମ୍ଭାରୀ ଗାଁର ନାଟ୍ୟଗୁରୁ ଭଗବାନ ସାହୁ ନିଜ ଜୀବନ କାଳ ମଧ୍ୟରେ ନାଟକ ମାଧ୍ୟମରେ ବୀର ସୁରେନ୍ଦ୍ର ସାଏଙ୍କ କୀର୍ତିଗାନ କରି ସଂଗ୍ରାମୀଙ୍କୁ ଶତସମ୍ମାନ ଜଣାଇ କାଳଜୟୀ କରିଛନ୍ତି। ବରଗଡ଼ଠାରେ ମହାସଭାର ଶତବାର୍ଷିକୀ ଓ ନୃସିଂହନାଥ ପୀଠରେ ଜାତି ମହାସଭା ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଲଳାଟେନ୍ଦୁ ବେହେରାଙ୍କୁ ସଂଯୋଜକ ଭାବେ ମନୋନୀତ କରାଯାଇଥିଲା। ବିଭିନ୍ନ ଜିଲ୍ଲାର ସଭାପତି ଓ ସମ୍ପାଦକମାନେ ଯୋଗଦାନ କରିଥିବା ବେଳେ ଛତିଶଗଡ଼ର ପ୍ରତିନିଧି ମଣ୍ଡଳ ଉପସ୍ଥିତ ଥିଲେ। ମାଁ ରାମଚଣ୍ଡୀଙ୍କ ଆଦିପୀଠ କମଗାଁର ପ୍ରତିନିଧିମାନେ ମଧ୍ୟ ଯୋଗଦାନ କରିଥିଲେ। ୧୯୨୧ରେ ବିଜେପୁର ଜମିଦାର ଶଙ୍କର୍ଷଣ ଗଡ଼ତିଆଙ୍କ ତତ୍ୱାବଧାନରେ ପ୍ରଥମ ମହାସଭା ଅଯୋଜନ କରାଯାଇଥିଲା। ଏହାର ଶତବାର୍ଷିକୀ ପାଳନ ପାଇଁ କୁଳତା ସମାଜ ତରଫରୁ ଏହି ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। କୁଳତା ସମାଜର ସମ୍ପାଦକ ଡ଼ ପର୍ଶୁରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାବଣବଧ ସହ ବିଶ୍ୱଶାନ୍ତି ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ରାମଲୀଳା ଉଦ୍‌ଯାପିତ

ଭେଡେନ, ୧୧।୨(ସମିସ)

ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧୦ଦିନ ଧରି ଚାଲିଥିବା ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା ମହୋତ୍ସବ ଉଦଯାପିତ ହୋଇଯାଇଛି। ବାବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ଚାଲିଥିବା ନାମଯଜ୍ଞ ସକାଳ ୮ଟା ସମୟରୁ ଉଦଯାପନୀ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଂକୀର୍ତ୍ତନମଣ୍ଡଳୀ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ହରିନାମ ଗାନ କରିଥିଲେ। ଅମ୍ବାପାଲି ରାଧାମାଧବ ମଠାଧୀଶ ବାବା ଭଗବାନ ଦାଶ ପୂର୍ବାହ୍ନରୁ ହରିନାମ କୀର୍ତ୍ତନ କରିଥିଲେ।ଏଥିରେ ଅଂଚଳର ୭୦ରୁ ଅଧିକ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ଦିନ ୧ଟାରେ ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ପୂର୍ଣାହୁତି ହୋଇଥିଲା। ପରେ ମନ୍ଦିର ପ୍ରାଙ୍ଗଣରେ ଖୋଲ ପୂଜା ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନମଣ୍ଡଳୀ ଗ୍ରାମ ପରିକ୍ରମା କରିଥିଲେ।





ଭେଡେନ ଡ୍ରାଇଭର ସଙ୍ଘ, ଭେଡେନ ଅମୃତ କୁଟୁମ, ଭେଡେନ ମଧ୍ୟପଡାସ୍ଥିତ ମହାକାଳ ଯୁବକ ସଙ୍ଘ, ଦୀପକ ମୋବାଇଲ ସେଣ୍ଟରର କର୍ମକର୍ତ୍ତା, ଆଜାଦ ସ୍ପୋର୍ଟସ କ୍ଲବର ସଦସ୍ୟ, ଭେଡେନ ବିଜୁଜନତା ଦଳର ଯୁବକ, ଏଫସି ଯୁବକ ସଙ୍ଘ ତଥା ଗ୍ରାମବାସୀ ସହଯୋଗ କରିଥିଲେ। ନାମଯଜ୍ଞରେ ବିଶମ୍ବର ପାଣିଗ୍ରାହୀ, ଉଦ୍ଧବ ପୂଝାରୀ, ବଣ୍ଟି ପାଣିଗ୍ରାହୀ ପୂଜା ଦାୟିତ୍ୱ ତୁଲାଇଥିବା ବେଳେ ପୂଜାରେ ଜଗତ ଭୂଷଣ ଶତପଥୀ ଓ କମଳିନୀ ଶତପଥୀ, ଦିଲୀପ ରଥ ଓ ମମତା ରଥ, ଗୋପୀକୃଷ୍ଣ ରଥ ଓ ଶାନ୍ତି ରଥ, ସୋମ୍ୟରଂଜନ ବେହେରା ଓ ସ୍ନିଗ୍ଧାରାଣୀ ବେହେରା ସପତ୍ନୀକ କର୍ତ୍ତା ଥିଲେ। କମିଟିର ଭରତ ବରେଇ, ଅକ୍ଷୟ ନାଏକ, ଦିଲୀପ ରଥ, ସତ୍ୟନାରାୟଣ ରଥ, ଅଶୋକ ସିଂ, କୃଷ୍ଣଚନ୍ଦ୍ର ବେହେରା, ଦଶରଥ ମେହେର, ପ୍ରେମ ମେହେର, ପ୍ରଦୀପ ସୁନା, ଗଜରାଜ ମେହେର, ବିଜୟ ଲହରିଆ, ମୁନସି ମେହେର, ନିତ୍ୟାନନ୍ଦ ମେହେର, ମାନ ମାଡ଼ପାଚି, ଆସାରାମ ନାଏକ, ଲକ୍ଷ୍ମଣ ସାଥୁଆ, କିଶୋର ମେହେର, ଘନଶ୍ୟାମ ଅଗ୍ରୱାଲ, ଆନନ୍ଦ ଦାଶ, ରାଜକୁମାର ବେହେରା, ନରସିଂହ ରଥ, କଏଲାସ ମେହେରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

ସନ୍ଧ୍ୟାରେ ଇନ୍ଦ୍ରଜିତ ନିଧନ ଖବର ପାଇ ଦଶାନନ ରାବଣ ସ୍ମରଣ କରିଛି ପାତାଳପୁରୀର ରାଜା ମହିରାବଣଙ୍କୁ। ମାୟାବୀ ମହିରାବଣ ଯୁଦ୍ଧ ଭୂମିକୁ ଯାଇଛି ରାମଲକ୍ଷ୍ମଣ ବଧ ପାଇଁ ହେଲେ ସେ ରାମ-ଲକ୍ଷ୍ମଣଙ୍କୁ ଅପହରଣ କରି ପାତଲପୁର ନେବା ପାଇଁ ଯୋଜନା କରିଛି। ଏହା ଜାଣି ବିଭୀଷଣ ବେନିଭାଇଙ୍କୁ ଉପଦେଶ ଦେଇଛନ୍ତି କୋଠରୀରେ ରହିବାକୁ ଓ ହନୁମାନ ଅଭେଦ୍ୟ କୋଠରୀରେ ରହିବାକୁ। ମହିରାବଣ ବିଭୀଷଣ ରୂପନେଇ ରାମ-ଲକ୍ଷ୍ମଣଙ୍କୁ ଅପହରଣ କରି ନେଇଛି ପାତାଳପୁରକୁ ବଳିଦେବା ଉଦ୍ଦେଶ୍ୟରେ। ବିଭୀଷଣଙ୍କ ପରାମର୍ଶରେ ହନୁମାନ ପାତାଳପୁରୀକୁ ଯାଇ ମହୀରାବଣକୁ ବଧ କରି ଉଦ୍ଧାର କରିଛନ୍ତି ରାମ ଲକ୍ଷ୍ମଣଙ୍କୁ। ପରେ ଆରମ୍ଭ ହୋଇଛି ରାମ-ରାବଣ ସମ୍ମୁଖ ସମର। ରାମଙ୍କ ଆରାଧନାକ୍ରମେ ମାତା ଅଭୟା ରାବଣ ରଥରୁ ବାହାରିଯିବା ପରେ ବିଭୀଷଣ ପରାମର୍ଶରେ ରାବଣ ନାଭିଦେଶକୁ ଦିବ୍ୟାସ୍ତ୍ର କ୍ଷେପଣ କରିଛନ୍ତି। ରାବଣ ଶେଷରେ ଶ୍ରୀହରି ବିଷ୍ଣୁଙ୍କୁ ସ୍ମରଣ କରି ପ୍ରାଣ ହାରିଛି। ଲଙ୍କାଗଡ଼ରେ ବିଭୀଷଣଙ୍କ ରାଜ୍ୟାଭିଷେକ ହୋଇଛି। ମାତା ସୀତାଙ୍କ ସହ ରାମ ଲକ୍ଷ୍ମଣଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସହ ବିରାଟ ରାମଲୀଳା ମହୋତ୍ସବର ପରିସମାପ୍ତି ହୋଇଛି।

ରାଜ ଦରବାରରେ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟଗୀତ ଅନୁଷ୍ଠିତ ହୋଇଥିବା ସହ ଆତସବାଜି ହୋଇଥିଲା। ରାବଣ ଦରବାର ଓ ଆଯୋଧ୍ୟା ଦାରବାରରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିବା କଳାକାରଙ୍କୁ ସମ୍ମାନିତ କରାଯାଇଛି। ଚିତ୍ତରଞ୍ଜନ ମେହେର, ଜୟଦେବ ମେହେର, ଦୀପକ ମେହେର, ଘନଶ୍ୟାମ ମେହେର, ସରୋଜ ରଥ, ଖୀତେଶ୍ୱର ବେହେରା, ମୁନା ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଆଯୋଧ୍ୟା ମଞ୍ଚ ପରିଚାଳନା ସରୋଜ ମିଶ୍ର, ଚିନ୍ମୟ ନାୟକ କରିଥିଲେ। ରାବଣ ଭୂମିକାରେ ବିଶିଷ୍ଟ ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ର ଅଭିନୟ କରୁଥିବା ବେଳେ ରାମ ମହେନ୍ଦ୍ର ସେଟ, ଲକ୍ଷ୍ମଣ ସଚିନ ମହାପାତ୍ର, କୁମ୍ଭକର୍ଣ୍ଣ ସୁବାଷ ମହାରଣା, ହନୁମାନ ଶାନ୍ତନୁ ସାହୁ, ସୁଗ୍ରୀବ ବୁଲୁ ପଧାନ, ବିଭୀଷଣ ସେବାନନ୍ଦ ନାଏକ, ମହାମନ୍ତ୍ରୀ ବଳବନ୍ତ ଭୋଇ ପ୍ରମୁଖ ଅଭିନୟ କରୁଛନ୍ତି। ରାଜ ଅତିଥିଭାବରେ ବରଗଡ ସାଂସଦ ସୁରେଶ ପୂଝାରୀ, ସୁରେଶ୍ୱର ଶତପଥୀ, ରଞ୍ଜନ ସେଟ, ଲିପସିତ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ।

## ବିପୁଳ କଫ୍ ସିରପ୍ ସହ ୪ ଯୁବକ ଗିରଫ

# ୨ ସ୍କୁଟି, ୪ ମୋବାଇଲ, ୨୪୦ ବୋତଲ କଫ୍‌ସିରପ୍ ଜବତ

**ବରଗଡ,୧୧।୨(ସମିସ):** ଭଟଲି ପୁଲିସ ବିପୁଳ କଫସିରପ ସହ ୪ ଯୁବକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଯୁବକମାନେ ହେଲେ ଭଟଲି ପାତିକାର ପଡାର ଭାସ୍କର ପାତିକାର, ଶିବଶଙ୍କର ଡନସେନା, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ନୂଆପଡାର ରାଜେଶ ବାରିକ ଓ କେଶବ ନଗରର ଗଣେଶ ବାଗ। ଭଟଲି ପୁଲିସ ସେମାନଙ୍କଠାରୁ ୨୪୦ ବୋତଲ କଫସିରପ, ୬ ଲିଟର ଅପମିଶ୍ରିତ କଫ ସିରପ, ନିଶା ବଟିକା, ୪ଟି ମୋବାଇଲ, ଦୁଇଟି ସ୍କୁଟି ଜବତ କରିଛି। ପୁଲିସ ଦ୍ୱାରା ବଡମାଲ ଛକରେ ଯାଞ୍ଚ ଚାଲିଥିବା ବେଳେ ଦୁଇ ସ୍କୁଟି ସହ ବେଆଇନ ଚାଲାଣ ହେଉଥିବା କଫସିରପ, ନିଶାବଟିକା ଜବତ କରି ଉପରୋକ୍ତ ୪ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ବରଗଡ଼ ଜିଲ୍ଲାରେ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ଭଟଲି ପୁଲିସ ଏହାକୁ ରୋକିବା ନେଇ ପଦକ୍ଷେପ ଆରମ୍ଭ କରିଛି।



# ଲାୟନ୍ସ କ୍ଲବ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର

**ପଦ୍ମପୁର, ୧୧।୨ (ସମିସ):** ପଦ୍ମପୁର ଲାୟନ୍ସ କ୍ଲବ ତରଫରୁ ପଦ୍ମପୁର ଅନ୍ତର୍ଗତ ଲଖମରା ଜଗନ୍ନାଥ ହାଇସ୍କୁଲରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ପ୍ରୀତମ ମେହେରଙ୍କ ତତ୍ତ୍ୱାବଧାନରେ ମୋଟ ୩୨୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରକୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସରୋଜ ସେଠ, ଡା. ଜୟକୃଷ୍ଣ ପଟେଲ, ଡା. କୈଳାସ ମେହେର, ଡା. ସୁମିତ ମିଶ୍ର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରାଧାମାଧବ ଦୋରା, ବେଣୁମାଧବ ଦୋରା, ରାଜକିଶୋର ଯୋଷୀ, ରବିନାରାୟଣ ଦୋରା, ଗୋପାଳ ଷାଣ୍ଡ, ଅମୂଲ୍ୟ ବେହେରା, ପିଣ୍ଟୁ ପାଢୀ, ସୋମ୍ ଦାଶ ସହଯୋଗ କରିଥିଲେ।

# ଲକ୍ଷେ ଘର ଗଣ୍ଡା ସମାଜ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

**ଝାରବନ୍ଧ, ୧୧।୨ (ସମିସ):** ଝାରବନ୍ଧ ବ୍ଲକ ଡୁଡୁକିଦାଦର ଗ୍ରାମ ଗଣ୍ଡପଡାରେ ଲକ୍ଷେ ଘର ଗଣ୍ଡା ସମାଜ ଝାରବନ୍ଧ ବ୍ଲକ ସଭାପତି ଭୋଜରାଜ ବାଗଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଆଲୋଚନା ହୋଇଥିଲା। ଉତ୍ସବ ପାଳନ କରିବା ପାଇଁ ସମାଜର ପ୍ରତ୍ୟେକ ପରିବାର, ଯୁବ ବର୍ଗ, ସାମାଜିକ କର୍ମକର୍ତ୍ତା, ସାମିଲ ହେବା ପ୍ରତି ଯତ୍ନବାନ ହେବାକୁ ସଭାପତି ଭୋଜରାଜ ବାଗ ଆଲୋକପାତ କରିଥିଲେ। ଲକ୍ଷେ ଘର ଗଣ୍ଡା ସମାଜର କାର୍ଯ୍ୟକର୍ତ୍ତା ରସିକ କୁମ୍ଭାର, ବିନୋଦ ବିହାରୀ ବାଗ, ମୋତିଲାଲ ବାଗ, ବେଣୁଧର କୁମ୍ଭାର, ହେମସାଗର ବାଗ, ମିନିକେତନ ସୁନା, କୁନ୍ଦୁରୁ ମହାନନ୍ଦ, ଆତ୍ମାରାମ କଲେତ, ମଣି ଛତର, ମୋହନ ସୁନା, ରାଜେନ୍ଦ୍ର ଛତ୍ରେ, ଶଙ୍କର ମହାନନ୍ଦ,ରୋହିତ ମହାନନ୍ଦ, ସୁବନ କଲେତ ସହ ଡୁଡୁକିଦାଦର ଗ୍ରାମର ସମସ୍ତ ସାମାଜିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବାଲାଜୀ ମନ୍ଦିର ନିର୍ମାଣର ବର୍ଷପୂର୍ତ୍ତି



**ବରଗଡ଼, ୧୧।୨(ସମିସ):** ବରଗଡ଼ ନିକଟସ୍ଥ କଜଲିବିଜିଲି ପାହାଡରେ ନିର୍ମିତ ବାଲାଜୀ ମନ୍ଦିର ଚାରି ବର୍ଷ ପୂର୍ତ୍ତି ପାଳନ କରିଥିବା ବେଳେ ଏ ଅବସରରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ସାମିଲ ହୋଇଥିଲେ। ଅନୁରୂପ ଭାବେ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଓ ବରଗଡ଼ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର (ଜାପାନ) ମଧ୍ୟ ପ୍ରଭୁଙ୍କ ଦର୍ଶନ ଲାଭ ସହ ଆଶିଷ ଭିକ୍ଷା କରିଥିଲେ। ସଂପୃକ୍ତ ପୀଠର ଉନ୍ନତିକରଣ ନେଇ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ତୁରୁଙ୍ଗା, ଗୋବିନ୍ଦପୁର, ବଗେଇବିରା, ପର୍ଥଲା ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତ ପୂଜାରେ ସାମିଲ ହୋଇଥିଲେ।

# ନୃସିଂହନାଥ ଧର୍ମଶାଳାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ପାଇକମାଲ, ୧୧।୨ (ସମିସ):** ପାଇକମାଳ ନୃସିଂହନାଥ ଧର୍ମଶାଳାରେ ମୁରଲୀକ୍ରିଷ୍ଣା ଫାଉଣ୍ଡେସନ ଦ୍ୱାରା ଏବଂ ଲାୟନ୍ସ କ୍ଲବ ପାଇକମାଳ ଓ ନୃସିଂହ ମେଡିକାଲ ଷ୍ଟୋର ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୯୦ଜଣ ରୋଗୀ ଯୋଗ ଦେଇଥିଲା ବେଳେ ୩୫ ଜଣ ଚକ୍ଷୁ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ, ବରଗଡକୁ ନିଆଯାଇଛି। ଶିବିରକୁ ମୁରଲୀ କ୍ରିଷ୍ଣାଫାଉଣ୍ଡେସନ ଅଧ୍ୟକ୍ଷ ଡି.ମୁରଲୀ କ୍ରିଷ୍ଣା ଉଦଘାଟନ କରିଥିଲେ। ସଭାପତିତ୍ୱ କରିଥିଲେ କ୍ଲବର ସଭାପତି ଗୋବରଦ୍ଧନ ଅଗ୍ରୱାଲ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଡ. ସଂକେତ ମିଶ୍ର, ଡ. ରାଜୀବଲୋଚନ ପଟ୍ଟନାୟକ, ଦନାର୍ଦ୍ଦନ ପଣ୍ଡା, ମୁଖ୍ୟବକ୍ତା ଥିଲେ ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ। ସଭା ପରିଚାଳନା କରିଥିଲେ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମାଲାଲ ପ୍ରଧାନ। ଧନ୍ୟବାଦ ଅର୍ପଣ କରିଥିଲେ ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ପଣ୍ଡା। କ୍ଲବ ସଦସ୍ୟ ସୁନ୍ଦରମଣୀ ନାୟକ, ନନ୍ଦଲାଲ ନାୟକ, ମିନିକେତନ ବେହେରା, ଆନନ୍ଦ ଅଗ୍ରୱାଲ, ନଳିନୀ ଥପା, ବେଦବ୍ୟାସ ସାହୁ, ଅଲେଖ ସାହୁ, ଯୋଗେଶ୍ୱର ସାହୁ, କିଶୋର ବାରିକ, ଡ. ଦୟାଗୋପାଳ ତ୍ରିପାଠୀ, ମହମ୍ମଦ ଇଜାଜ, କୀର୍ତ୍ତନ ସୋନି, ଡ. ଲମ୍ବୋଦର ପଣ୍ଡା ସହଯୋଗ କରିଥିଲେ।




# ପଶ୍ଚିମ ଓଡ଼ିଶା ମାଗଧା ଯାଦବ ସମାଜର ସଭା

ପାଇକମାଲ, ୧୧।୨ (ସମିସ)

ପଶ୍ଚିମ ଓଡିଶା ମାଗଧା ଯାଦବ ସମାଜର ଏକ ସମାବେଶ ଡୋଲାମଣି ମାହାରଙ୍କ ସଭାପତିତ୍ୱରେ ନୃସିଂହ ନାଥ ଆଇଓସିଏଲ୍ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ, ବୌଦ୍, ଝାରସୁଗୁଡ଼ା, ବଲାଙ୍ଗିର, ସମ୍ବଲପୁର, ସୋନପୁର, ନୟାଗଡ, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାରୁ ତିନି ଶହ ମଗଧା ଯାଦବ ସମାଜ ପ୍ରତିନିଧି ଯୋଗ ଦେଇଥିଲେ। ୫୦ରୁ ମହିଳା ପ୍ରତିନିଧି ଯୋଗ ଦେଇଥିଲେ। ପଶ୍ଚିମ ଓଡିଶାସ୍ତରୀୟ ସମ୍ବିଧାନ ଲାଗୁ କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଅମରେନ୍ଦ୍ର ଯାଦବ, ସତ୍ୟନାରାୟଣ ବାଗ, ପ୍ରେମସିନ୍ଧୁ ହର୍ଣା, ସତ୍ୟନାରାୟଣ ବିଶି, ସୋମନାଥ ଭୋଇ, କୁଞ୍ଜବିହାରି ବଞ୍ଝୋର୍, ଅଲେଖ ବଗର୍ତ୍ତି, ଅଶୋକ ବାଗ, ଜିତେନ୍ଦ୍ର ହାତୀ, ଲଳିତ ଦୀପ, ଭାଗ୍ୟବତି ନାଗ, ସରୋଜିନୀ ବଞ୍ଝୋର, ନୁରା ଲହଜାଲ, ମନୋରଞ୍ଜନ ଷଣ୍ଢ, ଗୋବର୍ଦ୍ଧନ ନାଗ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁକମନି କଠାର ଧନ୍ୟବାଦ ଦେଇଥିଲେ।





ଡ.ପିକେ ମିଶ୍ରଙ୍କ ଆଇଆଇଏମ୍ ପିରଦର୍ଶନ

# ଅନୁଷ୍ଠାନ ଅର୍ଥନୈତିକ ଅଗ୍ରଗତିରେ ସହାୟକ ହେବ

**ସମ୍ବଲପୁର, ୧୧।୨(ସମିସ)**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଆଜି ଆଇଆଇଏମ ନୂତନ କ୍ୟାମ୍ପସ୍ ପରିଦର୍ଶନ କରିଛନ୍ତି। ଡ. ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ ଅର୍ଥନୀତି ସମ୍ମିଳନୀରେ ଯୋଗଦେବା ପାଇଁ ସମ୍ବଲପୁର ଗସ୍ତରେ ଆସିଛନ୍ତି। କ୍ୟାମ୍ପସ ପରିଦର୍ଶନ ପାଇଁ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ତାଙ୍କୁ ନେଇ ପ୍ରଶାସନିକ ବିଲଡିଂ, ଅଡିଟୋରିୟମ୍, ଏକାଡେମିକ୍ ବ୍ଲକ, ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏବଂ ଓପନ ଥିଏଟର ପରି ବିଭିନ୍ନ କ୍ଲାସ୍‌ରୁମ ପରିଦର୍ଶନ କରାଇଥିଲେ। ଆଇଆଇଏମ୍ ସମ୍ବଲପୁର ଭାରତ ସରକାରଙ୍କ ପାଞ୍ଚଟି ପ୍ରମୁଖ ପଦକ୍ଷେପ ଉପରେ ଧ୍ୟାନ ଦେଉଛି ଯଥା- ନୂତନ ଶିକ୍ଷା ନୀତି, ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ ଏବଂ ମହିଳା ସଶକ୍ତୀକରଣ। ମାଷ୍ଟର ବୁଣାକାରଙ୍କ ପାଇଁ ଚାଲିଥିବା ତାଲିମ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ପ୍ରଫେସର ସୂଚନା ଦେଇଥିଲେ। ଡ. ମିଶ୍ର ଭାରତ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଗତି ଶକ୍ତି ପଦକ୍ଷେପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି ଯେ, ଆଇଆଇଏମ୍ ସମ୍ବଲପୁରର ଅନେକ ପ୍ରକଳ୍ପ ଏବଂ ମାଷ୍ଟରପ୍ଲାନ ବିକାଶ ପାଇଁ ଏକ ଅନୁକ୍ରମଣିକା ଭାବରେ କାର୍ଯ୍ୟ କରିପାରିବ ଏବଂ ଏହା ରାଜ୍ୟ ତଥା ଦେଶର ଅର୍ଥନୀତିର ଅଗ୍ରଗତିରେ ସହାୟକ ହେବ। ଭିତ୍ତିଭୂମିକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଶେଷରେ ମୁଖ୍ୟ ସଚିବ ଅନୁଷ୍ଠାନର ଅଧ୍ୟାପକ ତଥା ଛାତ୍ରଛାତ୍ରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।



ଅଧରାତିରେ ଭୀମସାର ହଷ୍ଟେଲ ପଶିଲେ ଭିସୁଟ୍ ପିଲା

# ଚା’ ବାହାନରେ ହଷ୍ଟେଲ ଯାଇ ଗଣ୍ଡଗୋଳ

**ବୁର୍ଲା, ୧୧।୨(ସମିସ):** ବୁର୍ଲା ଭିସୁଟ୍‌ର ଦୁଇ ହଷ୍ଟେଲର କିଛି ଛାତ୍ର ଭୀମସାରର ଏକ ହଷ୍ଟେଲରେ ପଶି ଅଧରାତିରେ ଚା’ ମାଗିବା ସହ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। ଗଣ୍ଡଗୋଳ ହାତାହାତି ଯାଏଁ ଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଫଳରେ ବାଧ୍ୟ ହୋଇ ପିଜି ଛାତ୍ର ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଉପସ୍ଥିତିରେ ଉଭୟ ଭିମସାର ଛାତ୍ର ତଥା ଭିସୁଟ୍‌ର ଦୁଇଟି ହଷ୍ଟେଲର ଛାତ୍ରଙ୍କୁ ନେଇ ଶାନ୍ତି କମିଟି ବୈଠକ ହେବା ପରେ ଘଟଣାର ସମାଧାନ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ରାତି ଗୋଟିଏ ସମୟରେ ଭିସୁଟ୍‌ର ଦୁଇଟି ହଷ୍ଟେଲରେ କିଛି ଛାତ୍ର ଚା’ ପିଇବା ବାହାନରେ ଭିମସାରରେ ଏକ ପିଜି ହଷ୍ଟେଲରେ ପ୍ରବେଶ କରିଥିଲେ। ପ୍ରଥମେ ସେଠାରେ ଯାଇ ଚା’ମାଗିବା ସହ ପିଜି ଛାତ୍ରଙ୍କୁ ଦୁର୍ବ୍ୟବହାର କରିଥିଲେ। ତେବେ ପିଜି ଛାତ୍ର ଏହାକୁ ବିରୋଧ କରିବାରୁ ହାତାହାତି ଯାଏଁ କଥା ଯାଇଥିଲା। ଫଳରେ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଦୀର୍ଘ ସମୟ ଧରି ହୋହାଲ୍ଲା ଚାଲିବା ପରେ ଆହୁରି ଛାତ୍ର ଜମା ହୋଇଥିଲେ। ତେବେ ସକାଳୁ ପିଜି ଛାତ୍ରଙ୍କ ପକ୍ଷରୁ ବୁର୍ଲା ଥାନାରେ ଏତଲା ଦିଆଯାଇଛି। ତେବେ ଏତଲା ଆଧାରରେ ପୋଲିସ ବୁର୍ଲା ଥାନାରେ ୭୫/୨୦୨୪ କେସ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଭିସୁଟ ପକ୍ଷରୁ କୌଣସି ଏତଲା ହୋଇ ନଥିବାବେଳେ ପୁଲିସ ଉପସ୍ଥିତିରେ ଶାନ୍ତି କମିଟି ବୈଠକ ବସିଥିଲା। ପିଜି ଛାତ୍ରଙ୍କ ହଷ୍ଟେଲ ୱାର୍ଡେନ, ଭିସୁଟର ଦୁଇଟି ହଷ୍ଟେଲର ୱାର୍ଡେନ ଏହି ଶାନ୍ତି କମିଟି ବୈଠକରେ ଉପସ୍ଥିତ ରହି ସମସ୍ୟାର ସମାଧାନ କରିଛନ୍ତି। ରାତି ଅଧରେ ଭିସୁଟ ଛାତ୍ର ପିଜି ଛାତ୍ରଙ୍କ ହଷ୍ଟେଲକୁ ପଶିବା ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଉଛି।

**ପିଜି ଛାତ୍ର ପକ୍ଷରୁ ଏତଲା**
**ଶାନ୍ତି କମିଟି ବୈଠକରେ ସମାଧାନ**

## ଗୁହାଳରୁ ବାଇକ ଚୋରି

ସମ୍ବଲପୁର, ୧୧।୨(ସମିସ):ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷୀପଡ଼ା ଅଞ୍ଚଳରୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇକ ଚୋରି ହୋଇଥିବା ଜଣାପଡ଼ିଛି। ସାକ୍ଷୀପଡ଼ାର ପପୁ ଯାଦବ ରାତିରେ ବାଇକ(ଓଆର ୧୫ ଇ୧୨୪୭) ନିଜ ଗାଇ ଗୁହାଳରେ ରଖି ଶୋଇବାକୁ ଯାଇଥିଲେ। ସକାଳୁ ଉଠିବା ପରେ ବାଇକଟି ନଥିବା ଜାଣିବାକୁ ପାଇଥିଲେ। ଏନେଇ ଧନୁପାଲି ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୁଲିସ ଜଦନ୍ତ ଆରମ୍ଭ କରିଛି।

## ଫାଟକରେ ଅଟକି ଗଲା ଇଣ୍ଟରସିଟି

ସମ୍ବଲପୁର, ୧୧।୨(ସମିସ):ସମ୍ବଲପୁର ରୋଡ ଷ୍ଟେସନରେ ଆଜି ବଲାଙ୍ଗୀର ଇଣ୍ଟରସିଟି ଦେଢ ଘଣ୍ଟା ଅଟକିଯାଇଛି। କୌଣସି ପଏଣ୍ଟରେ ଟେକନିକାଲ ତ୍ରୁଟି ଯୋଗୁଁ ଏହି ସମସ୍ୟା ଉପୁଜିଥିବା ଜଣା ପଡ଼ିଛି। ପ୍ରାୟ ଦେଢରୁ ଦୁଇ ଘଣ୍ଟା ଲାଗିଥିଲା ତ୍ରୁଟିକୁ ଯାଞ୍ଚ କରିବା ପାଇଁ।

## କବାଡି ଗୋଦାମରୁ ଟଙ୍କା ଚୋରି

**ସମ୍ବଲପୁର, ୧୧।୨(ସମିସ):**ବରେଇପାଲିସ୍ଥିତ ଏକ କବାଡି ଗୋଦାମରୁ ୨୫ ହଜାର ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ବରେଇପାଲି ଥାନାରେ ଏତଲା ଦିଆଯାଇଛି। ସୂଚନା ଯୋଗ୍ୟ, ଅଭିଯୋଗକାରୀ ଏମଡି ସଲିମର ବାପଙ୍କର ଏକ କବାଡି ଗୋଦାମ ବରେଇପାଲି ଛକରେ ରହିଛି। ସେହି ଭିତରେ ନବାଜ ପଢ଼ିବାପାଇଁ ଏକ କକ୍ଷ ରହିଛି। ଗତ କାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ସେ କକ୍ଷ ଭିତରକୁ ପ୍ରବେଶ କରି ୨୫ ହଜାର ଟଙ୍କା ଚୋରି କରିଛି। ଏହା ସହ ଏକ ସ୍ପ୍ରିଙ୍ଗ ପଟା ଓ ଗ୍ୟାସ କଟର ମେସିନ ମଧ୍ୟ ଚୋରି କରି ନେଇଛି। ବେରେଇପାଲି ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି।

## ଯୁଯୁମୁରା ସକାଳ ବ୍ଲକ ପ୍ରତିନିଧିଙ୍କ ପିତୃ ବିୟୋଗ

ସମ୍ବଲପୁର, ୧୧।୨(ସମିସ): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ସକାଳ ପ୍ରତିନିଧି ସିରାଜ ଅହମ୍ମଦଙ୍କ ପିତୃ ଏସ. ଅହମ୍ମଦଙ୍କ ବିୟୋଗ ହୋଇଛି। ବହୁ ଦିନରୁ ରୋଗରେ ପିଡିତ ଥିଲେ। ଆଜି ଅପରାହ୍ନ ୨ ଟାରେ ହଟାତ ଗୁରୁତର ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସମ୍ବଲପୁରରେ ତାଙ୍କର ଶେଷ କୃତ ସମ୍ପର୍ଣ୍ଣ କରାଯାଇଥିଲା। ସକାଳ ଓ ନନ୍ଦିଘୋଷ ସମ୍ବଲପୁର ଶାଖା ପରିଚାଳକ ନରୋତ୍ତମ ଗୁରୁ, ଜିଲ୍ଲା ପ୍ରତିନିଧି ଶୁଭାଶିଷ ପାଢ଼ୀ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏହା ସହ ସ୍ଥାନୀୟ ବରୁଣ ଦେହୁରୀ, ଅରୁଣ ଦେହୁରୀ, ଦିପକ ପ୍ରଧାନ, ବିରେନ ଭୋଇ, ଶଙ୍କର ବେହେରା, ଶିବବ୍ରତ ଦାସଙ୍କ ସମେତ ଗ୍ରାମାବାସୀ ସମ୍ପର୍କିୟ ଶେଷ ଦର୍ଶନ କରିଥିଲେ।

ମହିଳାଙ୍କ ଦରପୋଡ଼ା ଶବ ଜବତ ଘଟଣା

# ସଂଘବଧ ହତ୍ୟା, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

**ସମ୍ବଲପୁର, ୧୧।୨(ସମିସ):** ବିଜେପି ନେତା ସୀମାଞ୍ଚଳ ଖଟେଇଙ୍କ ଘରୋଇ ସହାୟିକା ଶଶୀ ପାଗଡ଼ (୫୫)ଙ୍କ ନଗ୍ନ ଅବସ୍ଥାରେ ଅର୍ଦ୍ଧଦଗ୍ଧ ମୃତଦେହ ଶାସନ ଥାନା ଅର୍ନ୍ତଗତ ହୀରାକୁଦ ଡ୍ୟାମ ବାମ ଡାଇକ୍ ରାସ୍ତା ପାର୍ଶ୍ୱରୁ ପୁଲିସ ଜବତ କରିଥିଲା। ଏଭଳି ଜଘନ୍ୟ ହତ୍ୟାକାଣ୍ଡରେ ପୁଲିସ ହାତ ଖାଲି ରହିଛି। ଆନ୍ଦୋଳନକାରିମାନେ ୩ ଦିନ ପୁଲିସକୁ ମହଲତ ଦେଇଥିବା ବେଳେ ୨ ଦିନ ବିତିଯାଇଛି। ଏବେ ପୁଲିସ ପାଇଁ ଚିନ୍ତା ବଢ଼ିଯାଇଛି। ମହିଳାଙ୍କୁ କାହିଁକି ହତ୍ୟା କରାଗଲା, କିଏ ହତ୍ୟାକାରି ତାହା ସ୍ପଷ୍ଟ କରିପାରିଲା ନାହିଁ। ବିଭିନ୍ନ ଦିଗକୁ ନେଇ କେବଳ ତଦନ୍ତ ଚାଲିଛି ବୋଲି ପୁଲିସ କହୁଛି। ଶଶିଙ୍କ ପରିବାର ବର୍ଗଙ୍କୁ ଆଜି ପୁଲିସ ପୁଣି ପଚରା ଉଚୁରା କରିଛି। ପଡ଼ାବାସୀଙ୍କ ଠାରୁ ମଧ୍ୟ ପୁଲିସ ତଥ୍ୟ ପ୍ରମାଣ ସଂଗ୍ରହ ପାଇଁ ପଚରା ଉଚୁରା କରିଛି। ଶଶିଙ୍କ ମୁଣ୍ଡର ପଛପଟେ ଆଘାତ ଲାଗିଥିଲା। କୌଣସି ଓଜନିଆ ଲୁହା ସାମଗ୍ରୀରେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ମୃତ୍ୟୁ ହେବା ପରେ ଶିଶିଙ୍କ ମୃତ ଦେହ ଡାଇକ ରାସ୍ତା ପାର୍ଶ୍ୱରେ ପକାଇ ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡି ଦିଆଯିବାକୁ ଚେଷ୍ଟା କରାଯାଇଥିଲା। ଘଟଣାରେ ପ୍ରତକ୍ଷ ଦର୍ଶ ନ ଥିବାରୁ ପୁଲିସ ହାବାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅନ୍ଧାରରେ ବାଡି ବୁଲାଉଛି ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ଏସଡିପିଓ ତୋଫାନ ବାଗ କହିଛନ୍ତିଯେ, ଘଟଣା ସମ୍ବେଦଶୀଳ ଅଟେ। ପୁଲିସ ଟିମ ଗଠନ କରାଯାଇ ତଦନ୍ତ ଜାରି ରଖିଛନ୍ତି। ତଥ୍ୟ ପ୍ରମାଣ ପାଇଲେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଥିଲେ। ସୂଚନା ଯୋଗ୍ୟଯେ, ଗତକାଲି ସନ୍ଧ୍ୟାରୁ ଶଶୀ ନିଖୋଜ ଥିଲେ। ଶଶୀଙ୍କ ପୁଅ ମଣ୍ଟୁଙ୍କ ଅଭିଯୋଗ କ୍ରମେ ହେଲେ ସନ୍ଧ୍ୟା ସମୟରୁ ଶଶୀ ଘରକୁ ଯାଇ ନଥିଲେ। ଶଶୀ ହାତରେ ପିନ୍ଧିଥିବା ମୁଦିରୁ ପରିବାରବର୍ଗ ଚିହ୍ନଟ କରିପାରିଥିଲେ।

ଜୟଶଙ୍କର ମିଶ୍ରଙ୍କୁ କଂଗ୍ରେସର ଜିଲ୍ଲା ଦାୟିତ୍ୱ

# ସଂଗଠନକୁ ସୁଦୃଢ଼ କରିବା ପାଇଁ ରଣନୀତି

**ସମ୍ବଲପୁର, ୧୧।୨ :** ଜିଲ୍ଲା ସ୍ତରରେ କଂଗ୍ରେସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିଶ କ୍ରମେ ୧୩ ଜିଲ୍ଲାର ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନଙ୍କୁ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ ସମ୍ବଲପୁର ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ଜୟ ଶଙ୍କର ମିଶ୍ରଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି।ଜିଲ୍ଲା କଂଗ୍ରେସ ସଭାପତିମାନେ ନିଜ ଜିଲ୍ଲାରେ ଆଜି ଠାରୁ ନିଜ ଦାୟିତ୍ୱ ଗ୍ରହଣ କରି କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବେ ବୋଲି ପିସିସ ସଭାପତି ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି। ଉପରୋକ୍ତ ଜିଲ୍ଲାରେ ପୂର୍ବରୁ କାର୍ଯ୍ୟନିର୍ବାହ କରୁଥିବା ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନଙ୍କ କାର୍ଯ୍ୟ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ ଜିଲ୍ଲାରେ ନୂତନ ସଭାପତି ପାଇବା ପରେ କଂଗ୍ରେସ ଦଳ ଅଧିକ ସକ୍ରିୟ ହେବ ବୋଲି ଆଶା କରାଯାଉଛି। ନେତାମାନେ ଏକାଠି ହୋଇ ସଂଘଠନକୁ ଆହୁରି ସୁଦୃଢ଼ କରିବେ ବୋଲି ଆଶା କରାଯାଉଛି।



# ରାଜ୍ୟସ୍ତରୀୟ ‘ସୁର ଘୁଙ୍ଗୁର’ ମହୋତ୍ସବ ଉଦ୍‌ଯାପିତ

**ରେଢ଼ାଖୋଲ, ୧୧।୨(ସମିସ):** ସ୍ଥାନୀୟ କଦମ୍ବ ପଡ଼ିଆଠାରେ ଦୁଇଦିନ ଧରି ଚାଲିଥିବା ୨୦ତମ ରାଜ୍ୟସ୍ତରୀୟ ‘ସୁର ଘୁଙ୍ଗୁର’ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଯୁବବୈଜ୍ଞାନିକ ଶେଷଦେବ କିଶାନ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ, ନଗର ଯୁବ ସଭାପତି ବିକାଶ ଦାସ, ବିଜେଡି ନଗର ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ବିଭିନ୍ନ ପାରମ୍ପାରିକ ନୃତ୍ୟଦଳ ନୃତ୍ୟକଳା ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ। ମହୋତ୍ସବରେ ‘ଶଳା ବୁଢ଼ା’ ଚଳଚ୍ଚିତ୍ରର ଅଭିନେତ୍ରୀ ତଥା ନୃତ୍ୟ ନିର୍ଦ୍ଦେଶିକା ତପସ୍ୱିନୀ ଗୁରୁ, ରେଢ଼ାଖୋଲ ଉପଖଣ୍ଡ ମାଟ୍ରିକ ଟପ୍ପର୍ ଅଭିଳାଷ ପଣ୍ଡା, ବିଶିଷ୍ଟ ଚାଷୀ ଭାବରେ ଦିଲ୍ଲୀପ ମହାକୁଡ଼, ଟୁଇଟର ବୟ ଭାବେ ନନ୍ଦ କିଶୋର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ରେଢ଼ାଖୋଲ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଆବାହକ ରମାକାନ୍ତ ମହାନନ୍ଦ, ସୁର ଘୁଙ୍ଗୁର କମିଟି ସଭାପତି ସୁଶାନ୍ତ କୁମାର ନାଗ, ସମ୍ପାଦକ ରାଜେନ୍ଦ୍ର ବୈଠାରୁ, କୋଷାଧ୍ୟକ୍ଷ ତପନ କୁମାର ବିଶ୍ୱାଳ, ଉପସଭାପତି ରଶ୍ମୀ ରଞ୍ଜନ ଖଡ଼ିରତ୍ନ, ସହ ସମ୍ପାଦକ ଗଜାନନ ଭେଶରା, ନନ୍ଦୁ ମିରୀ, ଭବାନୀ ଶଙ୍କର ପଣ୍ଡା, ଅନିଲ ପୃଷ୍ଟି, ଗଗନ ଭେସରା, ଏସ୍.ବିଶ୍ୱରଞ୍ଜନ, ପ୍ରକାଶ ମୁଖୀ, ସୁଭଦ୍ର ସାଗର, ସୁଧାଂଶୁ ପୁରୋହିତ, ହରିଶଙ୍କର ପୁରୋହିତ, ଶରତ ସୁନା, ବିଶ୍ୱଜିତ ସାହୁ, ଉପଦେଷ୍ଟା ଭାବରେ ରଞ୍ଜିତ ଦେହୁରୀ, ଉମାକାନ୍ତ ମହାନନ୍ଦ ପ୍ରମୁଖଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



# ସର୍‌ସତିଆ ତିଆରି କଲେ କେନ୍ଦ୍ରମନ୍ତ୍ରୀଙ୍କ ପତ୍ନୀ

**ସମ୍ବଲପୁର, ୧୧।୨(ସମିସ):** ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ର ଖ୍ୟାତି ଓ ଚର୍ଚ୍ଚା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସମ୍ବଲପୁରୀ ଗୀତ, ସଙ୍ଗୀତ, ନୃତ୍ୟ, ବନ୍ଧକଳା, ବସ୍ତ୍ର ଆଜି ସମଗ୍ର ବିଶ୍ୱ ଦରବାର ରେ ନିଜର ସ୍ୱତନ୍ତ୍ର ସ୍ଥାନ ନେଇ ସାରିଛି। ଏଥିରୁ ବାଦ ପଡ଼ିନି ସମ୍ବଲପୁରୀ ଖାଦ୍ୟପେୟ। ସମ୍ବଲପୁରର ସର୍ସତିଆର ପ୍ରସ୍ତୁତି ପ୍ରଣାଳୀ ଓ ସ୍ୱାଦ ଭିନ୍ନ ଓ ସ୍ୱତନ୍ତ୍ର ଧରଣର ହୋଇଥାଏ। କୁଞ୍ଜେଲପଡ଼ା ଛକରେ ଏକ ମାତ୍ର ଦୋକାନ ରହିଛି ଯେଉଁଠି ଆଜି ବି ସର୍ସତିଆ ତିଆରି ଓ ବିକ୍ରି ହୁଏ। ପ୍ରଭୁଲାଲ ଗୁପ୍ତା ଓ ରେଖା ଗୁପ୍ତା ନାମକ ଏହି ଦମ୍ପତ୍ତି ଆଜି ଯାଏଁ ତାଙ୍କର ପୂର୍ବ ପୁରୁଷଙ୍କର ଦ୍ୱାରା ସ୍ୱୀକୃତ ଏହି ପାରମ୍ପରିକ ବ୍ୟଞ୍ଜନକୁ ତିଆରି କରିବାର ପରମ୍ପରା ବଜାୟ ରଖିଛନ୍ତି। ଆଜି ସକାଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ତାଙ୍କ ଦୋକାନରେ ପହଞ୍ଚିଥିଲେ। ଗୁପ୍ତା ଦମ୍ପତ୍ତିଙ୍କୁ ପାରିବାରିକ ଓ ବ୍ୟବସାୟୀକ ସ୍ଥିତି ପଚାରିଥିଲେ।ସର୍ସତିଆ ତିଆରି କରିବାର ଶୈଳୀ ଓ ପ୍ରସ୍ତୁତି ବିଷୟରେ ବୁଝିଥିଲେ ଏବଂ ନିଜେ କିଛି ସର୍ସତିଆ ତିଆରି କରିଥିଲେ। ଗୁପ୍ତା ଦମ୍ପତ୍ତିଙ୍କ ଏକ ମାତ୍ର ପୁଅ ରାହୁଲ୍ ଗୁପ୍ତାଙ୍କୁ ଏହି ପାରମ୍ପାରିକ ବ୍ୟବସାୟକୁ ଆହୁରି ଶାଣିତ ଓ ବ୍ୟାପକ କରିବା ପାଇଁ ଶ୍ରୀମତୀ ଠାକୁର ପରାମର୍ଶ ଓ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରର ପୂର୍ବତନ ପ୍ରାନ୍ତ ସରସଂଘ ଚାଳକ ବିପିନ ବିହାରୀ ନନ୍ଦ ଓ ବିଜେପିର ଅନିଲ କୁମାର ବେହେରା, ସମିର ରଞ୍ଜନ ବାବୁ, ସୁଶାନ୍ତ କୁମାର ପୁରୋହିତ, ସରୋଜ ଦଳପତ୍, ସୁଧୀର ରଞ୍ଜନ ବୋହିଦାର, ଅଜିତ କୁମାର ବେହେରାଙ୍କ ସମେତ ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।



# ୱାର୍ଡ ନମ୍ବର ୩ରେ ବିଜେଡି ପରିବାରର ସମ୍ପର୍କ ଅଭିଯାନ

**ସମ୍ବଲପୁର, ୧୧।୨(ସମିସ):**ସମ୍ବଲପୁର ୱାର୍ଡ ନମ୍ବର ୩ରେ ବିଜେଡିର ଘର ଘର ପରିବାର ସମ୍ପର୍କ ଅଭିଯାନ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିକାଶମୂଳକ କାର୍ଯ୍ୟ ତଥା ଲୋକାଭିମୁଖୀ ଯୋଜନା ଗୁଡିକ ପ୍ରତି ଘରେ ଘରେ ପହଞ୍ଚାଇବା ପାଇଁ ଏହି ଅଭିଯାନ କରାଯାଉଛି। ଭତ୍ତାରାଶି ବର୍ଦ୍ଧିତ ହୋଇଥିବାରୁ ସମସ୍ତେ ଖୁସି ବ୍ୟକ୍ତି କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତ୍ରୀ ଜିଲ୍ଲା ମହିଳା ପ୍ରଭାରୀ ମିନିତୀ ଦେବତାଙ୍କ ଉପସ୍ଥିତରେ ମହିଳା ବିଜେଡି ନେତ୍ରୀ ଅନିତା ନାଏକଙ୍କର ନେତୃତ୍ୱରେ ଶାନ୍ତି ଲତା କର, କଳ୍ପନା ବେହେରା, ତୁଳସୀ ନାଗ, ବବଲୀ ରାୟ, ସଞ୍ଜୁ କୁମ୍ଭାର, ସନ୍ଧ୍ୟା ରାଣୀ ଭୁଇଁଆ, ଗୌରୀ ଖରସେଲ, କଳ୍ପନା ଛାତ୍ରିଆ, ପ୍ରତିମା ଗୌଡ଼, ପଦ୍ମିନୀ ସୁନା, ଦୁରପତି ସେଠି, କୁନି ଟେଟେ, ରଶ୍ମିତା ନାଏକ, ସୁନିତା ନାହା, ରାଜେଶ୍ୱରୀ ନାଗ, ସୁନିତା ଛେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନବୀନ ପଟ୍ଟନାୟକଙ୍କର ହାତ ମୁଠାକୁ ଟାଣ କରି ସମ୍ବଲପୁର ଲୋକସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।



# ଧନୁଯାତ୍ରା ମହୋତ୍ସବରେ ‘ସେବା’କୁ ସମ୍ମାନିତ

**ସମ୍ବଲପୁର, ୧୧।୨(ସମିସ):**ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଗୋଲାମାଳ ଠାରେ ଚାଲିଥିବା ଧନୁଯାତ୍ରା ମହୋତ୍ସବରେ ଆଜି ‘ସେବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଲପୁରର ଅଧକ୍ଷ ଡ. ଅମର ତାଣ୍ଡିଆ ରାଜ ଅତିଥି ଭାବରେ ଯୋଗଦେଇ ଥିଲେ। ରାଜ ଦରବାରରେ ଡ. ତାଣ୍ଡିଆଙ୍କ ସେବା କାର୍ଯ୍ୟକୁ ମହାରାଜା କଂସ ଭୂୟସୀ ପ୍ରଶଂସା କରିବା ସହ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ସାନ୍ତାନୁ ବିଶ୍ୱାଳ, ସମ୍ପାଦକ ମିଶ୍ର ଧରୁଆ, କାର୍ଯ୍ୟକାରି ସଭାପତି ରାଜେନ୍ଦ୍ର ବେହେରା, ପ୍ରକାଶ ବେହେରା ଓ ଦୀପକ ନାଏକ ଉପସ୍ଥିତ ଥିଲେ।



# ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର

**ଜମନକିରା, ୧୧।୨(ସମିସ):** ଜମନକିରା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ପଣ୍ଡାଙ୍କ ଅଧକ୍ଷତାରେ ଜମନକିରା ଥାନା ପଡ଼ିଆ ଠାରେ ରବିବାର ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜମନକିରା ଜିଲ୍ଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜମନକିରା ସରପଞ୍ଚ ଯାଜ୍ଞସିନୀ ନାଏକ, ଜମନକିରା ବିଜେଡି ବ୍ଲକ ସଭାପତି ଆଦିପ୍ରସାଦ ମହାକୁଳ, କଲ୍ୟାଣି ସାହୁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜମନକିରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ବନ୍ଧରେ ଅତିଥିବୃନ୍ଦ ଜଣାଇଥିଲେ। ପାର୍ବତୀ ଏସ୍‌ଏଚ୍‌ଜି ଗ୍ରୁପ୍ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମରେ ପାମ୍ପଡ଼, ପିଠା, ଲଙ୍କା ଆଚାର, ବଡ଼ି, ଅରିସା ପିଠା, ଚୁଡ଼ା ବଡ଼ି ଭଳି ବିଭିନ୍ନ ସାମଗ୍ରୀର ଷ୍ଟଲ ଲଗାଯାଇଥିଲା। ସେହିପରି ଜମନକିରା ଏଏନ୍‌ଏମ୍ ଏକ ଷ୍ଟଲ୍‌ରେ ଜନସାଧାରଣଙ୍କ ବିପି ଯାଞ୍ଚ କରି ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଛୋଟବଡ଼ ଶିଶୁ କଳାକାର ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁ ପେନସନକୁ ଦ୍ୱିଗୁଣିତ କରିଥିବାରୁ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଶେଷରେ ସୂର୍ଯ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ଦେବଝରନ ଜଳଭଣ୍ଡାର ଜମିରୁ ମାଟି ଚୋରି, ଗଛ ନଷ୍ଟ

**ସମ୍ବଲପୁର, ୧୧।୨(ସମିସ)**

ସମ୍ବଲପୁର ଯୁଯୁମୁରା ବ୍ଲକ ପର୍ଯ୍ୟଟନ ସ୍ଥଳ ଦେବଝରନରେ ଥିବା ଜଳଭଣ୍ଡାର ଜମିରୁ ମାଟି ଚୋରି ହେଉଛି। ଦିନ ଦ୍ୱିପହରେ ଜେସିବି ଓ ଟ୍ରାକ୍ଟର ଲଗାଇ ମାଟି ଚୋରି କରି ନିଆଯାଉଛି।ମାଟି ଚୋରିକୁ ନେଇ ବନ ବିଭାଗର ଅଧିକାରି ମାନଙ୍କ ପାଖରେ ଖବର ନାହିଁ। ହେଲେ ଟ୍ରାକ୍ଟରେ ନିଆଯାଉଥିବା ମାଟି ବନ ବିଭାଗର ଚାରା ରୋପଣରେ ବ୍ୟବହାର କରାଯାଉଥିବା ବୋଲି ଗାଡି ଚାଳକ ମାନେ କହିଛନ୍ତି। ହେଲେ ମାଟି କୁଆଡେ ଯାଉଥିଲା କିଏ ଚୋରି କରି କିଏ ନେଉଥିଲା ତାହା ତଦନ୍ତ ସାପେକ୍ଷ। ଜଳଭଣ୍ଡାର ପାର୍ଶ୍ୱରେ ମୁଲ୍ୟବାନ ଗଛ ଗୁଡିକ ଲାଗି ରହିଛି। ଜଳଭଣ୍ଡାର ସହିତ ପୁରା ପର୍ଯ୍ୟଟନ ସ୍ଥଳର ସୋନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରୁଛି। ପର୍ଯ୍ୟଟକ ମାନେ ବଣଭୋଜି କରି ପାରୁଛନ୍ତି। ହେଲେ ମାଟି ଖୋଲିବା ଫଳରେ ଗଛ ଗୁଡିକ ନଷ୍ଟ ହୋଇଯାଉଛି। ଗଛ ଗୁଡିକର ଚର୍ତୁପାର୍ଶ୍ୱରେ ମାଟି ଖୋଲି ନେଇ ଯିବାରୁ ଗଛ ଢଳି ଯାଉ ଶୁଖିଲା ହୋଇ ପଡ଼ି ରହୁଛି। ପର୍ଯ୍ୟଟକ ଦେଖିଲେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଆଜି ଦେବଝରନ ବିକାଶ ମଞ୍ଚ ସଦସ୍ୟମାନେ ମାଟି ଖୋଲିବା ସମୟରେ ଘଟଣା ସ୍ଥଳକୁ ଯାଇ କାମ ବନ୍ଦ କରିଦେଇଥିଲେ। ଏହାକୁ ନେଇ ବନ ବିଭାଗର ଅଧୀକାରିଙ୍କୁ ଅଭିଯୋଗ କରିଥିଲେ। ବିକାଶ ମଞ୍ଚର ଅରୁଣ ଦେହୁରୀ, ବିରେନ ଭୋଇ, ଦିପକ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏ ସମ୍ପର୍କରେ ସଦର ରେଞ୍ଜର ହରିହର ନାଏକ କହିଛନ୍ତିଯେ, ମାଟି ଉଠାଇବା ନେଇ ସୂଚନା ନାହିଁ। ବନ ବିଭାଗ କାହାକୁ ଅନୁମତି ଦେଇ ନାହିଁ। ଏହି ଘଟଣାର ତଦନ୍ତ ହେବ ବୋଲି କହିଥିଲେ। ସୂଚନା ଯୋଗ୍ୟଯେ, ଦେବଝରନ ବିକାଶ ମଞ୍ଚ ୨୦୧୭ ମସିହାରେ ଗଠନ କରାଯାଇଥିଲା। ସେହିଦିନରୁ ଦେବଝରନ ପର୍ଯ୍ୟଟନ ସ୍ଥଳର ବିକାଶକୁ ନେଇ କାମ କରି ଆସୁଛନ୍ତି। ପ୍ଲାଷ୍ଟିକ ମୁକ୍ତ କରିବା, ଜଙ୍ଗଲରେ ନିଆଁ ନ ଲଗାଇବା, ସଫା ସୁତୁରା ରଖିବା ନେଇ ପ୍ରାୟ ସମୟରେ କାମ କରୁଛନ୍ତି। ଇକୋଟୁରିସମ ଘୋଷଣା ଦାବୀ, ଜାତୀୟ ରାଜପଥରୁ ପ୍ରକଳ୍ପକୁ ରାସ୍ତା ନିର୍ମାଣ ପାଇଁ ଦାବୀ କରୁଥିଲେ। ଯାହା ସରକାର ପୁରଣ କରିଛନ୍ତି।





# ବିକାଶର ନୂଆ ନକ୍ସା, ଲୋକଙ୍କ ଭରସା

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କୃତଜ୍ଞତା ଜଣାଇଲା ସଂଘ

‘ଆମ ଓଡ଼ିଶା ନବୀନ ଓଡ଼ିଶା’ ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଗସ୍ତ ରେ ଆସି ରବିବାର ଭୋର୍‌ରେ ସମଲେଶ୍ୱରୀ ମନ୍ଦିର ଦର୍ଶନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ମହାନଦୀ ହାଫ୍ ମାରାଥନରେ ସାମିଲ ହୋଇ ଶୁଭାରମ୍ଭ କରିଥିଲେ। ଏହାପରେ ଭୀମସାର ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ପରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଯାଇ ସେଠାରେ କ୍ରୀଡା ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ବୁର୍ଲାରେ ଓ ଟିପିଲିମାରେ ଫୁଟବଲ ଷ୍ଟାଡିୟମ ପାଇଁ ଚିହ୍ନଟ ହୋଇଥିବା ଜମିକୁ ଦେଖିଥିଲେ। ଅପରାହ୍ନ ରେ ଚାରମାଳ ହାଇସ୍କୁଲ ପଡ଼ିଆରେ କେନ୍ଦୁପତ୍ର କର୍ମଚାରୀ ସଂଘର ମହା ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲାର ବିଭିନ୍ନ ଉନ୍ନୟନ କାମର ସମୀକ୍ଷା କରିବା ସହ ନୂତନ ପ୍ରକଳ୍ପ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟ ସେବା ସୁବିଧା ବିକାଶ ପାଇଁ ଭୀମସାରରେ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ ଡାକ୍ତରଙ୍କ କ୍ୱାଟର୍ସ, ଏମସିଏଚ ୭ଶହ ଶଯ୍ୟା ବିଶିଷ୍ଟ କୋଠା ଭଳି ଆବଶ୍ୟକ ଭିତ୍ତିଭୂମି ବିକାଶ କରାଯିବ। ଏହାକୁ ନେଇ ବରିଷ୍ଠ ଡାକ୍ତର ଓ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମକୁ ପରିଦର୍ଶନ କରିଥିଲେ। କ୍ରିକେଟ୍ ଷ୍ଟାଡିୟମ୍ ଓ ନୂତନ ଫୁଟବଲ୍ ଷ୍ଟାଡିୟମର ବିକାଶ ପାଇଁ ଯୋଜନା ସମୀକ୍ଷା କରିଥିଲେ।



**ରେଢ଼ାଖୋଲ/ସମ୍ବଲପୁର, ୧୧।୨(ସମିସ):** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ କେନ୍ଦୁପତ୍ର ତୋଳାଳି, କର୍ମଚାରୀମାନଙ୍କ ଏକ ମହାସମାବେଶ ରେଢ଼ାଖୋଲ ଚାରମାଳରେ ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଂଘର ଦାବି ଅନୁକ୍ରମେ ତୋଳାଳିମାନଙ୍କ ପାଇଁ କେରି ପ୍ରତି ଦର ବୃଦ୍ଧି, ସିଜନାଲ କର୍ମଚାରୀଙ୍କ ଦରମା ବୃଦ୍ଧି, ଗତବର୍ଷ ଅପେକ୍ଷା ଅଧିକ ପରିମାଣରେ ବୋନସ୍, ୬୦ ରୁ ୬୨ ବର୍ଷ ପର୍ଯ୍ୟନ୍ତ ସାମାଜିକ ନିରାପତ୍ତା, କନ୍ୟା ବିବାହର ପୁନଃ ପ୍ରଚଳନ କରିବା, ସିଜିନାଲ୍ କର୍ମଚାରୀଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ପ୍ରଭୃତି ଘୋଷଣାକୁ ଭାର୍ଚୁଆଲ ମୋଡ଼ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମହାସମାବେଶରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପ୍ରତ୍ୟକ୍ଷ ଭାବରେ ଘୋଷଣା କରିଥିଲେ। ଘୋଷଣାକୁ ସଂଘର ସଭାପତି ଶ୍ରୀ ମହାନ୍ତି ସ୍ୱାଗତ ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସମାବେଶରେ ପ୍ରଥମେ ସଂଘ ପକ୍ଷରୁ ସଂଘର ସଂଗଠନ ସମ୍ପାଦକ ତଥା କେନ୍ଦୁଲିଭ ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଉଦ୍‌ବୋଧନ ଦେଇ ଓଡ଼ିଶା ସରକାର ବିଭିନ୍ନ ସମୟରେ ତୋଳାଳି ଓ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ସମାଧାନ କରିଥାନ୍ତି ବୋଲି କହିଥିଲେ। ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ବିଧାୟକ କିଶୋର ନାୟକ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୃତୁଜା, ବିଧାୟକ କିଶୋର ନାୟକ, ଦେବଗଡ଼ ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚରେ ରାଜ୍ୟ ଉପସଭାପତି ବିନୋଦ ପ୍ରଧାନ, ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଛା, ରାଜ୍ୟ ସମ୍ପାଦିକା ପଦ୍ମାବତୀ କିସାନ୍, କୁମୁଦିନୀ ନାୟକ, କ୍ଷେତ୍ର ଚନ୍ଦ୍ର ବାରିକ, ଉଦିତ ତ୍ରିପାଠୀ, ମିଳନ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। ସମାବେଶରେ ପ୍ରାୟ ୨୧ଟି ଜିଲ୍ଲାରୁ ୫୦ ହଜାର ଶ୍ରମିକ ତୋଳାଳି ଓ କର୍ମଚାରୀ ଏବଂ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ାର ପ୍ରଦୀପ ସାହୁ, ଅନୁଗୋଳ ରତ୍ନାକର ପ୍ରଧାନ, କେନ୍ଦୁଝର ସଞ୍ଜୟ ଚୌଧୁରୀ, ବୌଦ୍ଧ ଶ୍ରୀକାନ୍ତ ମିଶ୍ର, ଟିଟିଲାଗଡ଼ ରାଜ କୁମାର ବିଶି, ଫୁଲବାଣୀ ଲକ୍ଷ୍ମଣ ସାହୁ, ନବରଙ୍ଗପୁର କୋକିଳ ନାୟକ, ଜୟପୁର ରାଜେଶ୍ ଅଜମାରି, କୁଚିଣ୍ଡା ମିଳନ ପଳେଇ, ଆଠମଲ୍ଲିକ ନବ ମହାର, ରାଉରକେଲା ଶୁଭା ରାମ ପ୍ରଧାନ, ସମ୍ବଲପୁର ଅନାଦି ମିର୍ଦ୍ଧା, ରମେଶ ମହାର, ଢେଙ୍କାନାଳ ପ୍ରସନ୍ନ ସାହାଣୀ, ଦେବଗଡ଼ ଜ୍ଞାନେନ୍ଦ୍ର ଗଡ଼ନାୟକ, ଭିକାରୀ ପ୍ରଧାନ, ସୁମିତ ପଟେଲ, ଦେବ ଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ, ପଲ୍ଲବୀ ପଟେଲ, ଜିତେନ୍ଦ୍ର ଷଣ୍ଢ, ପୁଷ୍ପଲତା ଭଇଁଶା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ହାଫ୍ ମାରାଥନ: ଭାଗନେଲେ ୪ହଜାର ପ୍ରତିଯୋଗୀ




ଆଜି ସକାଳ ୬ଟାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁରର ପ୍ରଥମ ମହାନାଦୀ ହାଫ୍ ମାରାଥନ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଏହି ମାରାଥନରେ ୪୦୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ମାରାଥନ କାର୍ଯ୍ୟକ୍ରମ ଅବସରରେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ, ସମ୍ବଲପୁରର ଭଲ କ୍ରୀଡ଼ା ସଂସ୍କୃତି ରହିଛି। ପ୍ରତିଭାକୁ ଆହୁରି ବିକାଶ କରିବା ପାଇଁ ସର୍ବୋତ୍ତମ ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ୨୭କୋଟି ଟଙ୍କା ବ୍ୟୟରେ ନିର୍ମିତ ବୁର୍ଲା ସ୍ଥିତ ଇନ୍‌ଡ଼ୋର ଷ୍ଟାଡିୟମର ଉଦ୍‌ଘାଟନ କରାଯାଇଥିଲା। ସମୁଦାୟ ୧୦୦କୋଟି ଟଙ୍କା ବ୍ୟୟରେ ହକି ଷ୍ଟାଡ଼ିୟମ ଏବଂ ଇନ୍‌ଡ଼ୋର କ୍ରୀଡ଼ା ସୁବିଧା ସମେତ ସମ୍ବଲପୁର ଫୁଟ୍‌ବଲ ଏକାଡ଼େମୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏକ ନୂତନ ଫୁଟ୍‌ବଲ ଷ୍ଟାଡିୟମ ନିର୍ମାଣ ଏବଂ ଭିଏସଏସ କ୍ରିକେଟ ଷ୍ଟାଡିୟମକୁ ଆଧୁନିକ ଷ୍ଟାଡିୟମରେ ନବୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଶ୍ରୀ ପାଣ୍ଡିଆନ କହିଛନ୍ତି।

## କ୍ରିକେଟ୍ ଖେଳରେ ବି ‘ମାଷ୍ଟର୍ ଷ୍ଟ୍ରୋକ୍’

‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଭିଏସ୍‌ଏସ୍ ଷ୍ଟାଡିୟମ୍ ପରିଦର୍ଶନ କରି ଖେଳାଳିଙ୍କ ସହ କଥାବାର୍ତ୍ତା କରିଥିଲେ। ଷ୍ଟାଡିୟମର ବିକାଶ



ପାଇଁ ୩୫୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ସୂଚନା ଦେଇଥିଲେ। କାର୍ଯ୍ୟକୁ ତ୍ୱରାନିତ କରିବାକୁ ତାଗିଦ୍ କରିଥିଲେ। ପାଣ୍ଡିଆନ୍ ନିଜେ ଜଣେ କ୍ରୀଡ଼ାବିତ୍ ଥିଲେ। ସେ ଖେଳାଳିଙ୍କ ସହ ତାଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ସେ ଖେଳାଳିଙ୍କ ସହ କ୍ରିକେଟ୍ ଖେଳିଥିଲେ। ଖେଳାଳିମାନେ କାର୍ତ୍ତିକ ପାଣ୍ଡିଆନଙ୍କୁ ପଡ଼ିଆରେ ଖେଳୁଥିବା ଦେଖି ଉତ୍ସାହିତ ହୋଇଥିଲେ। ତାଙ୍କ ଖେଳକୁ ନେଇ ଷ୍ଟାଡିୟମରେ ଥିବା କ୍ରୀଡ଼ା ସଂଘର କର୍ମକର୍ତ୍ତା ଓ ଯୁବ ଖେଳାଳିମାନେ ଆଚମ୍ବିତ ହୋଇପଡ଼ିଥିଲେ। ରାଜନୀତି ହେଉକି ପ୍ରଶାସନିକ କାର୍ଯ୍ୟ ସବୁଥିରେ ପାରଙ୍ଗମ ହୋଇଥିବା କାର୍ତ୍ତିକ ପାଣ୍ଡିଆନ ଆଜି କ୍ରିକେଟ୍ ମଇଦାନରେ ମଧ୍ୟ ତାଙ୍କର ଜଲୱା ଦେଖାଇଛନ୍ତି। ଆଜି ସକାଳେ ଷ୍ଟାଡିୟମରେ ଜଣେ ଅଭିଜ୍ଞ କ୍ରିକେଟ୍ ଖେଳାଳି ଭଳିଆ ଖେଳ ପ୍ରଦର୍ଶନ କରିଥିଲେ।

## ମା’ସମଲେଇଙ୍କୁ ଦର୍ଶନ, ପରେ ସଫାସୁତୁରା ପାଇଁ ତାଗିଦ୍

ସମ୍ବଲପୁର ଗସ୍ତରେ ଆସିଥିବା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଜି ଭୋର ସକାଳୁ ମା’ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ଜାନୁଆରୀ ୨୭ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଲୋକର୍ପିତ ହୋଇଥିବା ସମଲେଇ ପରିକ୍ରମା ପ୍ରକଳ୍ପକୁ ପରିଦର୍ଶନ କରିଥିଲେ। ଲୋକାର୍ପଣ ହେବା ପରେ। ୫-ଟି ଅଧ୍ୟକ୍ଷଙ୍କ ଏହା ପ୍ରଥମ ଗସ୍ତ। ପରିକ୍ରମା ପ୍ରକଳ୍ପର ସମସ୍ତ ସ୍ଥାନକୁ ବୁଲି ଦେଖିଥିଲେ। ଗଛରେ ପାଣି ଦିଆଯିବା, ବିଦ୍ୟୁତ୍ ସମସ୍ୟା, ମରାମତି ବିଭିନ୍ନ ପ୍ରସଙ୍ଗ ଉପରେ ଠିକା ସଂସ୍ଥା ସହିତ ଆଲୋଚନା କରିଥିଲେ। ପରିସରରେ ଲାଗିଥିବା ବିଭନ୍ନ ଗଛର ରକ୍ଷଣାବେକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ସଫାସୁତୁରା ରଖିବା ନେଇ କଡ଼ା ତାଗିଦ୍ କରିଥିଲେ। ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁଙ୍କ ସହିତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲ୍ଲା ତଥା ବିଭିନ୍ନ ରାଜ୍ୟରୁ ପର୍ଯ୍ୟଟକଙ୍କ ସୁଅ ସମ୍ବଲପୁରକୁ ଛୁଟୁଛି। ସେଥିପାଇଁ ଏହାର ରକ୍ଷଣାବେକ୍ଷଣା ଆବଶ୍ୟକ ବୋଲି କହିଥିଲେ।

## ଘରୋଇ ବସ୍ ଧକ୍କାରେ ଯୁବକ ମୃତ

**ରେଙ୍ଗାଲି, ୧୧।୨(ସମିସ):** ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ୍-ୱେ ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସ ସମ୍ମୁଖରେ ଏକ ଘରୋଇ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଝାରସୁଗୁଡ଼ା ମଙ୍ଗଳବଜାର ଅଞ୍ଚଳର ସଲିମ୍ ଖାଁ ବୋଲି ଜଣାପଡ଼ିଛି। ରେଙ୍ଗାଲି ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଉକ୍ତ ଯୁବକ ଜଣକ ଝାରସୁଗୁଡ଼ା ପଟୁ ସମ୍ବଲପୁର ପଟକୁ ସାଇକେଲରେ ଯାଉଥିଲେ। ଏହି ସମୟରେ ଠେଲକଲୋଇରୁ ଲପାଙ୍ଗ ମଧ୍ୟରେ ଏକ ଘରୋଇ ବସ୍ ଧକ୍କା ଦେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲା। ଶ୍ୟାମ ମେଟାଲିକ୍ସ ପ୍ରଥମ ଗେଟ୍ ସମ୍ମୁଖରେ ରକ୍ତାକ୍ତ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପୃଥକ୍ ଦୁର୍ଘଟଣା: ଶିଶୁ ସହ ୪ ଆହତ

**କୁଚିଣ୍ଡା, ୧୧।୨(ସମିସ):** ମହୁଲପାଲି ଥାନା ଅଧିନସ୍ଥ କେଶେଇବାହାଲ ନୂତନ ବ୍ରିଜ ପାଖରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ଜଣ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ତିଲେଇମାଲ ଗ୍ରାମର ଶୁଭନ କୁମାର ବେହେରା(୧୮), ସୁଜିତ ଭୋଇ(୧୭) ଏବଂ ରାମେଶ୍ୱର ଧୁରୁଆ। ତିନିଜଣ ଯାକ ଏକ ବାଇକ୍‌ରେ କୌଣସି କାମରେ କେଶେଇବାହାଲ ଯାଉଥିବା ବେଳେ ଦ୍ରୁତ ଗାଡ଼ି ଚାଳନା ହେତୁ ଭାରସାମ୍ୟ ହରାଇ ଏକ ଗାଡ଼ରେ ପଡ଼ି ଖଣ୍ଡିଆ ଖାବରା ହୋଇଥିଲେ। ରାମେଶ୍ୱରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ କୁଚିଣ୍ଡା ଡାକ୍ତରଖାନାକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଠିକ୍ ସେହିପରି ରବିବାର ଅପରାହ୍ନରେ କୁଚିଣ୍ଡା ୱାର୍ଡ଼ ନଂ.୧୦ର ଛକ ଠାରେ ଚଞ୍ଚଳା ମହାନନ୍ଦ ଓ ୬ବର୍ଷର ପୁଅ ଶିବ ମହାନନ୍ଦ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବେଳେ ଦ୍ରୁତ ଗତିରେ ଏକ ବାଇକ୍ ଆସି ଧକ୍କା ଦେବା ଫଳରେ ଶିବ ଛିଟିକି ପଡ଼ିଥିଲେ। ତାଙ୍କ ମୁହଁ ସହ ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଏମାନଙ୍କୁ ମଧ୍ୟ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଓଏମ୍‌ପି ଝାରସୁଗୁଡ଼ା ଚାମ୍ପିଅନ




**ରେଙ୍ଗାଲି, ୧୧।୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ବନ୍ଧଟିକ୍ରା ଠାରେ ପାଞ୍ଚଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଓଏମ୍‌ପି ଝାରସୁଗୁଡ଼ା ଓ ଗୋଲାମାଲ କ୍ରିକେଟ ଦଳ ମଧ୍ୟରେ ହୋଇଥିଲା। ଓଏମ୍‌ପି ଝାରସୁଗୁଡ଼ା ଦଳ ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ଓଏମପି ଝାରସୁଗୁଡ଼ା ଦଳକୁ ୧୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସଅପ୍ ଗୋଲାମାଲ ଦଳକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବିଜେଡି ଯୁବନେତ୍ରୀ ମୋନିକା ବେହେରା, ଇଂ.ଗାନ୍ଧୀ ବେହେରା, ଗୋବର୍ଦ୍ଧନ ସାହୁ, ସୁଶୀଲ କିଷାନ, ଡୋଳାମଣି ଖମାରୀ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ବନ୍ଧଟିକ୍ରା ଆରସିବି କ୍ଲବ ଦ୍ୱାରା ଆୟୋଜିତ ହୋଇଥିଲା। କ୍ଲବର ସମସ୍ତ କର୍ମକର୍ତ୍ତା ସବୁ ପ୍ରକାର ସହଯୋଗ କରିଥିଲେ।

## ‘ସୁଚିତ୍ରା’ ପତ୍ରିକାର ସ୍ୱନକ୍ଷତ୍ର ଉତ୍ସବ

## ‘ସାହିତ୍ୟ ହିଁ ସମାଜରେ ପରିବର୍ତ୍ତନ ଆଣିପାରିବ’

**ନାକଟିଦେଉଳ, ୧୧।୨(ସମିସ):** ସାହିତ୍ୟ, ସଂସ୍କୃତିଧର୍ମୀ ଫିଚର୍ ପତ୍ରିକା ‘ସୁଚିତ୍ରା’ର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ରବିବାର




ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ତଥା କବି ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରଥମେ ଏକ କବିତା ପାଠ ଉତ୍ସବ ହୋଇଥିଲା। ଗୀତାରାଣୀ ସାହୁ, ଆକାଶ ସାହୁ ଏବଂ ଶେଷଦେବ ବିଶ୍ୱାଳ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ଏଥିରେ ଅତିଥି ଭାବେ ମାନିନୀ ମିଶ୍ର, ବିପିନ ମହାନନ୍ଦ ଓ ରମେଶ ମିଶ୍ର ଯୋଗ ଦେଇଥିଲେ। ପରେ ଡ. ଦୀପେନ୍ ପଟ୍ଟନାୟକଙ୍କ ସଭାପତିତ୍ୱ ତଥା ସଂଗ୍ରାମ କେଶରୀ ପୃଷ୍ଟିଙ୍କ ପରିଚାଳନାରେ ଅନୁଷ୍ଠିତ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ତପସ୍ୱିନୀ ଗୁରୁ ଯୋଗଦେଇ ‘ସୁଚିତ୍ରା’ ପତ୍ରିକା ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସଭ୍ୟ ଡ.ମନୋଜ କୁମାର ପଣ୍ଡା ଯୋଗଦେଇ ଜୀବନକୁ ସୁନ୍ଦର ଓ ପରିଚ୍ଛନ୍ନ କରିବାର ଯାତ୍ରା ହେଉଛି ସାହିତ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା କବି ଲକ୍ଷ୍ମୀନାରାୟଣ ହୋତା ଯୋଗଦେଇ ସମାଜର ସବୁ ସ୍ତମ୍ଭ କଳୁଷିତ ହେଲେ ସାହିତ୍ୟ ବାଟ ଦେଖାଏ ଏବଂ ସାହିତ୍ୟ ଦ୍ୱାରା ହିଁ ସମାଜକୁ ପରିବର୍ତ୍ତନ କରିହେବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କଳିଙ୍ଗ କେଶରୀ ନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନ ତଥା ପତ୍ରିକାର ସମ୍ପାଦକ କନ୍ଦର୍ପ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପୁଷ୍ପାଞ୍ଜଳି ରବନା ଧନ୍ୟବାଦ ଦେଇଥିଲେ। ଏଥିସହ ଗୀତାରାଣୀ ସାହୁଙ୍କ ପୁସ୍ତକ ‘ମଶାଣି ଭୂତ’ ଉନ୍ମୋଚିତ ହୋଇଥିଲା। ମମତା ପଟ୍ଟନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସୁଚିତ୍ରା ସ୍ମୃତି ସମ୍ମାନ, ପ୍ରଶାନ୍ତ ମଙ୍ଗରାଜଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ପିନାକୀ ମିଶ୍ରଙ୍କୁ କବିତା ସମ୍ମାନ, ହରିହର ସାହୁଙ୍କୁ ପୀତାମ୍ବର ବିଶ୍ୱାଳ ସ୍ମୃତି ସମ୍ମାନ, କୁଳମଣି ମେହେରଙ୍କୁ ଯୁବ ପ୍ରତିଭା ସମ୍ମାନ ଓ ପ୍ରଗତି ବଳଙ୍କୁ ପ୍ରଚ୍ଛଦ ପଟ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା। ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରର ପିଲାମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲା ବେଳେ ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସାହିତ୍ୟିକ ଏବଂ କବି ଯୋଗ ଦେଇଥିଲେ।

## କେନାଲକୁ ଡେଇଁ ଓଏଚ୍‌ପିସି କର୍ମଚାରୀଙ୍କ ଆତ୍ମହତ୍ୟା

**ବୁର୍ଲା, ୧୧।୨(ସମିସ):** ବୁର୍ଲା ସହରର ବିଦ୍ୟୁତ କଲୋନିରେ ରହୁଥିବା ଓଡ଼ିଶା ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ରର କର୍ମଚାରୀ ଅନ୍ତ ପ୍ରଧାନ ଆଜି କେନାଲକୁ ଡେଇଁ ଆତ୍ମହତ୍ୟା କରିବା ଭଳି ଏକ ଅଘଟଣ ଘଟିଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୦ ବର୍ଷ ବୟସ ହେଉଥିଲା ଏବଂ ସେ ଚଳିତ ବର୍ଷ ଆଗାମୀ ମେ ମାସରେ ଚାକିରିରୁ ଅବସର ନେଇଥାନ୍ତେ। ଆଜି ଅପରାହ୍ନ ୧ଟା ସମୟରେ ସେ ବଜାରରୁ କିଛି ସାମଗ୍ରୀ ଆଣି ଘରକୁ ଆସବା ପରେ କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହିତ କଥା କଟାକଟି ହେବା ପରେ ଅନ୍ତ ଘରୁ ଏକ ଲୁଙ୍ଗି ପିନ୍ଧି ଏବଂ ଗାମୁଛା ଧରି ବାହାରି ଯାଇଥିଲେ। ରୋଷେଇ ସରିଥିବା ବେଳେ ଅନ୍ତ ଘରକୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ଅନ୍ତଙ୍କ ବଡ଼ପୁଅ ବାପାଙ୍କୁ ଖୋଜିବା ପାଇଁ ଯାଇ ନିରାଶ ହୋଇ ଫେରିଥିଲେ। ପରେ ସେ କେନାଲ ପାଣିରେ ଭାଶୁଥିବା ନେଇ ଜଣାପଡ଼ିଥିଲା। ପୁଲିସ ଓ ଅଗ୍ନିଶମ ବାହିନୀ କେନାଲରୁ ମୃତଦେହ ଉଦ୍ଧାର କରିଥିଲେ। ମୃତ ଅନ୍ତଙ୍କ ସ୍ତ୍ରୀ ବୁର୍ଲା ଭିମସାରର ବରିଷ୍ଠ ସେବିକା ନମିତା ମାଝୀ ଏବଂ ତାଙ୍କର ଦୁଇ ପୁଅ ରାଜା ଏବଂ ପୁଚୁ ରହିଛନ୍ତି। ମୃତ ଦେହକୁ ଭୀମସାରରେ ରଖାଯାଇଛି। ସୋମବାର ତାଙ୍କର ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯିବ।



## ନାଟ୍ୟ ନିର୍ଦ୍ଦେଶକ ସୁବାସ ପ୍ରଧାନଙ୍କୁ ଡକ୍ଟରେଟ୍

**ଝାରସୁଗୁଡ଼ା, ୧୧।୨(ସମିସ):** ପଶ୍ଚିମ ଓଡ଼ିଶାର ନାଟ୍ୟ ଅନୁଷ୍ଠାନ ମିରର ଥିଏଟର ବେଲପାହାଡ଼ର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପ୍ରଧାନଙ୍କୁ କଳା ପ୍ରଦର୍ଶନ କ୍ଷେତ୍ରରେ ଦିଲ୍ଲୀସ୍ଥିତ ୱାଶିଂଟନ୍ ଡିଜିଟାଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୧୦ ତାରିଖରେ ଡକ୍ଟରେଟ ଉପାଧି ଦିଲ୍ଲୀ ଏନ୍‌ସିଆର ଠାରେ ଅନୁଷ୍ଠିତ ସମାବର୍ତ୍ତନ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଛି। ଏହି ଅବସରରେ ସୁଷମା ଅରୋରା, ପଦ୍ମଶ୍ରୀ ଜିତେନ୍ଦ୍ର ସିଂ ସେଣ୍ଟି ପ୍ରମୁଖ ଶ୍ରୀ ପ୍ରଧାନଙ୍କୁ ଦୀକ୍ଷାନ୍ତ କରିଥିଲେ। ମିରର ଥିଏଟର ପକ୍ଷରୁ ୨୦୨୩ ମସିହା ଡିସେମ୍ବର ୧ ରୁ ୩ ତାରିଖ ଯାଏ ଦୀର୍ଘ ୪୯ ଘଣ୍ଟା ୪୮ ମିନିଟ ୧୨ ସେକେଣ୍ଡ ଧରି ବିଶ୍ୱର ସର୍ବବୃହତ ଅବଧିର ନାଟକ ସମ୍ବଲପୁରୀ ନାଟକ 'କାଏନଜୁରି' ପ୍ରଦର୍ଶିତ କରିଥିଲା। ଏହି ଅବସରରେ ମିରର ଥିଏଟର ବର୍ତ୍ତମାନ ସୁଦ୍ଧା ଏହି ନାଟକକୁ ନେଇ ଦୁଇ ଦୁଇଟି ବିଶ୍ୱରେକର୍ଡ ହାସଲ କରି ଓଡ଼ିଶା ସହିତ ସାରାଭାରତ ବର୍ଷ ପାଇଁ ଏକ ଗର୍ବ ଓ ଗୌରବ ଅର୍ଜନ କରିପାରିଛି। ଏହି ଖବର ପ୍ରଚାରିତ ହେବା ମାତ୍ରେ ମିରର ଥିଏଟରର ସମସ୍ତ କଳାକାର ତଥା ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।



**ଆନ୍ତଃଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟ**

## ରାଜା ବାସୁଦେବ ହାଇସ୍କୁଲ ଚାମ୍ପିଅନ

**ଦେବଗଡ଼, ୧୧।୨(ସମିସ)**

ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିକାର ଫାଇନାଲ ମ୍ୟାଚରେ କେନ୍ଦ୍ରୀୟ ବିଦ୍ୟାଳୟ ଦେବଗଡ଼କୁ ୨୬ ରନ୍ ରେ ପରାସ୍ତ କରି ରାଜା ବାସୁଦେବ ହାଇସ୍କୁଲ ଚାମ୍ପିଅନ ହୋଇଛି। ରାଜା ବାସୁଦେବ ହାଇସ୍କୁଲ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭର ରେ ୮ଟି ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମହେଶ୍ୱର ସ୍ୱାଇଁ ୯୦, ବାଦଲ ଉର୍ମାକୁରି ୨୬ ଓ ସୌମ୍ୟରଞ୍ଜନ ପାତ୍ର ୧୯ ରନ୍ କରିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ ଦଳର ଶୁଭମ୍ ଦାସ୍ ୪ ଓ ପ୍ରୀୟମ୍ ଦେହୁରୀ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କେନ୍ଦ୍ରୀୟ ବିଦ୍ୟାଳୟ ଦଳ ୩୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୯ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଶୁଭମ୍ ଦାସ୍ ୩୬, ପ୍ରଭାସ ସାହୁ ୩୦ ଓ ଓମ୍ ପ୍ରଭାସ ପ୍ରଧାନ ୨୮ ରନ୍ କରିଥିବା ବେଳେ ରାଜା ବାସୁଦେବ ଦଳର ନିଲମ ଦେବ ଓ ମହେଶ୍ୱର ସ୍ୱାଇଁ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଆଜିର ମ୍ୟାଚ୍‌କୁ ଅମ୍ପାୟାର ନବୀନ ରାଉଳ ଓ ରାଜା ରାଣା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସୌମ୍ୟରଞ୍ଜନ ନାୟକ, ରିତିକ ଦେହୁରୀ ଏବଂ ବେଣୁଧର ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିକାର ମ୍ୟାଚ ରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ରାଜା ବାସୁଦେବ ହାଇସ୍କୁଲର ମହେନ୍ଦ୍ର ସ୍ୱାଇଁ, ଶ୍ରେଷ୍ଠ ବୋଲର ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭମ ଦାସ ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଭାସ ସାହୁଙ୍କୁ ପୁରସ୍କୃତ କରାଯାଇ ଥିଲା। ଏହି ଅବସରରେ କ୍ରିକେଟ ସଙ୍ଘ ସମ୍ପାଦକ ସୁଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରମୋଦ କୁମାର ମିଶ୍ର, ପ୍ରଦୀପ ମହାପାତ୍ର, କୈଳାସ ମୋଦୀ, ପ୍ରଭାସ ମିଶ୍ର, ମନୋଜ କୁମାର ଶତପଥୀ ଓ ରାଜା ବାସୁଦେବ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା କ୍ରିକେଟ ସଙ୍ଘର ସଦସ୍ୟ ଅଶୋକ କୁମାର ନନ୍ଦ, ସତ୍ୟ ନାରାୟଣ ପାଣି, ଅଭୟ ନନ୍ଦ, ଚିତ୍ତରଞ୍ଜନ ଦାସ, ମୋତିଲାଲ ଶର୍ମା, ରାଘବ ମହାରଣା, କ୍ଷୀରୋଦ ବେହେରା, ସୁବାସ ପୃଷ୍ଟି, ପ୍ରଦ୍ୟୁମ୍ନ ଭୁକ୍ତା, ସନ୍ତୋଷ ଦେବତା ପ୍ରମୁଖ ସହଯୋଗ କରିଥିଲେ।




## ନବ ଦାସ ଫାଉଣ୍ଡେସନ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା

**ଝାରସୁଗୁଡ଼ା, ୧୧।୨(ସମିସ):** ନବ ଦାସ ଫାଉଣ୍ଡେସନ ପକ୍ଷରୁ ଗତ ଦୁଇ ଦିନ ଧରି ହୋଇଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ଅଙ୍ଗନବାଡି, ବାପୁଜୀ ସରକାରୀ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସବୁ ବର୍ଗର ମୋଟ ୪୦ଟି ଖେଳରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଡ. ଦିବ୍ୟ ପ୍ରକାଶ ପଟ୍ଟନାୟକ, ଡ. ଦିବେନ୍ଦୁ କୁମାର ସାହୁ, ପ୍ରଧାନ ଶିକ୍ଷକ ଧନିରାମ ପଟେଲ, ତ୍ରିନାଥ ତ୍ରିପାଠୀ, ଚିତ୍ରେଣି ପଟେଲ, ଝାରସୁଗୁଡ଼ା ବ୍ଲକ ଅଧକ୍ଷା, ଦିଗାମ୍ବର ଭୋଇ ଜିଲ୍ଲା ପରିଷଦ ସଭ୍ୟ, ଶ୍ରୀପୁରା ନବ ପରିବାର ସଦସ୍ୟ, ମା ସମଲେଶ୍ୱରୀ ମହିଳା ଶକ୍ତି ଦୀପାଲି ସେନାର ସଦସ୍ୟା ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବନେତା ବିଶାଳ ଦାସ ଏବଂ ସରପଞ୍ଚ ଯୋଶୋବନ୍ତି ପାଣ୍ଡେ, ଅବସପ୍ରାପ୍ତ ଶିକ୍ଷକ ଅକ୍ରୁର ପାଢ଼ୀ, ଦେବେନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।






ଅଦିନରେ ପାଚିଲା ବେଲ

## ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ଦେବଗଡ଼, ୧୧।୨(ସମିସ):** ଦେବଗଡ଼ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ଓ ଦେବଗଡ଼ ସତ୍‌ସଙ୍ଗ ବିହାରର ବାର୍ଷିକ ଉଦ୍‌ବୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅମୀୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବାହ୍ନରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଛକ ଠାରୁ ଶ୍ରଦ୍ଧାଳୁମାନେ ଅନୁକୂଳ ଚନ୍ଦ୍ରଙ୍କ ଫଟୋ ଚିତ୍ରକୁ ଏକ ସୁସଜ୍ଜିତ ରଥରେ ନଗର ପରିକ୍ରମା କରିବାପରେ ସତସଙ୍ଗ ବିହାର କେନ୍ଦ୍ରରେ ପହଞ୍ଚିଥିଲେ। ସତ୍‌ସଙ୍ଗ ବିହାର କେନ୍ଦ୍ର ଅଧକ୍ଷ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ବୋଧନ କାର୍ଯ୍ୟକ୍ରମରେ ଜିତେନ୍ଦ୍ର କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ବକ୍ତାଭାବେ ପାଲଲହଡ଼ା ସତସଙ୍ଗ ବିହାର କେନ୍ଦ୍ରର ମହେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ଯାଜକ ବୈଦ୍ୟନାଥ ସାହୁଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କୀର୍ତ୍ତି ସୁନ୍ଦର ପ୍ରଧାନ କୋରସ ଓ ଯୁଧିଷ୍ଠିର ସାହୁଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଉଦ୍‌ବୋଧନ କାର୍ଯ୍ୟକ୍ରମ ପରେ ଆନନ୍ଦ ବଜାରରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଫକୀର ମୋହନ ପାତ୍ର, ଦୁଷ୍ମନ୍ତ ସାମଲ, ମଦନ ମୋହନ ସାହୁ, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ହୃଷିକେଶ ନାୟକ ଧରଣୀଧର ପ୍ରଧାନ ଓ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।





## ବିଜେଡିରେ ମିଶିଲେ ବିଜେପି ଓ କଂଗ୍ରେସ କର୍ମୀ

**ଝାରସୁଗୁଡ଼ା, ୧୧।୨(ସମିସ):** ଝାରସୁଗୁଡ଼ା ବିଧାୟିକାଙ୍କ କାର୍ଯ୍ୟାଳୟ ଠାରେ ବିଜୁ ଜନତା ଦଳ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ହଂସାମୁରା କଣ୍ଟାପାଲି ପଞ୍ଚାୟତର ଶତାଧିକ କର୍ମୀ ଆଜି ବିଧାୟିକା ଦିପାଳୀ ଦାସଙ୍କ ଉପସ୍ଥିତିରେ କଂଗ୍ରେସ ଏବଂ ବିଜେପି ଛାଡି ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା ତଥା ସ୍ୱଚ୍ଛ ଶାସନ ଓ ବିକାଶମୂଳକ କାର୍ଯ୍ୟ ଏବଂ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସଙ୍କ ନୂତନ ଝାରସୁଗୁଡ଼ା ନିର୍ମାଣ ସହ ସ୍ୱଚ୍ଛ ରାଜନୀତିକୁ ଅନୁସରଣ କରି ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସାମିଲ ହୋଇଥିବା କର୍ମୀଙ୍କ ମଧ୍ୟରେ ହଂଶାମୁରା କଣ୍ଟାପାଲି ବିଜେପି ପଞ୍ଚାୟତ ଉପସଭାପତି ସୁନୀଲ ରୋହିଦାସଙ୍କ ସମେତ ଛନ୍ଦା ଚରଣ ରୋହିଦାସ, ଲଳିତ ରୋହିଦାସ, ବିମଳ ରୋହିଦାସ, ଜିତେନ୍ ରୋହିଦାସ, କାନ୍ତ ରୋହିଦାସ, ଦେବାନନ୍ଦ ମେହେର, ଜୟ ବିହାରୀ ମେହେର, ଦୀପକ ଖଡ଼ିଆ, ରାହୁଲ ଖଡିଆ ଆକାଶ ଖଡ଼ିଆ, ରକ୍ସନ୍ ସିଂହ, ତପସ୍ୟା ମହାନନ୍ଦ ପ୍ରମୁଖ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ପିଙ୍କୁ ପଟେଲ, ପିଣ୍ଟୁ ପାଢ଼ୀ, ଅମିତାଭ ପଟେଲ, ଆର୍ଯ୍ୟାନ୍ ସିହ୍ନା, ରୋସନ ପଣ୍ଡା, ବିକାସ ମହାବର, କ୍ରୀଷ୍ଣା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



**ଜିଲ୍ଲା ନାଗରିକ କମିଟିର ବୈଠକ**

## ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୨୪ରେ ଆଲୋଚନା

**ଦେବଗଡ଼, ୧୧।୨(ସମିସ)**

ଜିଲ୍ଲା ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ସେଣ୍ଟର ଫର କଲଚର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ନାଗରିକ କମିଟି ସଭାପତି ସୁଶୀଲ କୁମାର କପର୍ଦ୍ଦାରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ଆଗାମୀ ୨୪ ତାରିଖ ଦିନ ଜିଲ୍ଲାର ପ୍ରତ୍ୟକ ପଞ୍ଚାୟତରୁ ମାନ୍ୟଗନ୍ୟ ବ୍ୟକ୍ତିଙ୍କୁ ନେଇ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି ତାଳଚେର - ବିମଳାଗଡ଼ ରେଳଲାଇନ ପାଇଁ ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପରେ ସେହି କୋଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା, ବଡ଼ ବନ୍ଧ ଓ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ଗୁଡିକର କାର୍ଯ୍ୟାରମ୍ଭ, ରାଜା ବାସୁଦେବ ହାଇସ୍କୁଲରେ ସମର ଶିକ୍ଷାର୍ଥୀ ବାହିନୀର ପୁନଃପ୍ରତିଷ୍ଠା ସହ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ଓ ପୌର ସଂସ୍ଥାର ସୁପରିଚାଳନା ସମ୍ପର୍କିତ ଦାବିପତ୍ର ଜିଲ୍ଲାପାଳଙ୍କୁ ଆଗାମୀ ମଙ୍ଗଳବାର ଦିନ ଦେବାକୁ କମିଟି ନିଷ୍ପତ୍ତି ନେଇଛି। ଏଥିସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜିଲ୍ଲା ପ୍ରଶାସନ ସନ୍ତୋଷଜନକ ପଦକ୍ଷେପ ନ ନେଲେ ନାଗରିକ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି କମିଟି ସଭାପତି ଶ୍ରୀ କପର୍ଦ୍ଦାର ସୂଚନା ଦେଇଛନ୍ତି। ଏହି ବୈଠକରେ ପୌର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ନିରଞ୍ଜନ ଦ୍ୱିବେଦୀ, ଲକ୍ଷ୍ମଣ ପ୍ରଧାନ, ସୁଧୀର କପର୍ଦ୍ଦାର, ପ୍ରଫୁଲ୍ଲ କୁମାର ନାୟକ, ଅମୀୟ ମିଶ୍ର, ସୁଦାମ ବୁଢ଼ା, ନରୋତ୍ତମ ସାହୁ, ମହେଶ୍ୱର ପାଣି, ବିଜୟ ପ୍ରଧାନ ଓ ମଞ୍ଜୁଲ ନାଏକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



**■ ଖିଲେଇ ପଞ୍ଚାୟତରେ ନାହାନ୍ତି ସ୍ଥାୟୀ ନିର୍ବାହୀ ଅଧିକାରୀ**

## କାର୍ଯ୍ୟାଳୟରେ ପଡ଼ିଛି ତାଲା



**ଦେବଗଡ଼, ୧୧।୨(ସମିସ):** ରିଆମାଳ ବ୍ଲକ ଖିଲେଇ ପଞ୍ଚାୟତରେ ସ୍ଥାୟୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ହୋଇ ନ ଥିବାରୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାଇ ୧୨ ୱାର୍ଡ ବିଶିଷ୍ଟ ଖିଲେଇ ପଞ୍ଚାୟତରେ ଦୀର୍ଘ ଦିନ ଧରି ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦ ଖାଲି ରହିଥିବାରୁ ଗୁଣ୍ଡିଆପାଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ରିୟ ସାମଲଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ମାତ୍ର ଶ୍ରୀ ସାମଲ ଖିଲେଇ ପଞ୍ଚାୟତ ପାଇଁ ସମୟ ଦେଇ ପାରୁ ନ ଥିବାରୁ ମାସର ଅଧିକାଂଶ ଦିନ ଖିଲେଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡୁଛି। ଫଳରେ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଗ୍ରାମବାସୀ ଫେରି ଯିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡୁଥିବା କାରଣରୁ ସରପଞ୍ଚ ଦୋଳ ଗୋବିନ୍ଦ ପ୍ରଧାନ ମଧ ଅଧିକାଂଶ ସମୟ ପଞ୍ଚାୟତ କାର୍ଯ୍ୟାଳୟ ବାହାରେ ଜନ ସାଧାରଣଙ୍କ ସମସ୍ୟା ଶୁଣି କାର୍ଯ୍ୟାଳୟ ଖୋଲିବା ଦିନକୁ ଅପେକ୍ଷା କରୁଛନ୍ତି। ତୁରନ୍ତ ସ୍ଥାୟୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଯୁକ୍ତି କରିବାକୁ ସରପଞ୍ଚ ଶ୍ରୀ ପ୍ରଧାନଙ୍କ ସମେତ ଗ୍ରାମବାସୀ ଅନୁରୋଧ କରିଛନ୍ତି।

